ଧରିତ୍ରୀ
DHARITRI
September 10-16, 2023 ₹ 2/-

# ଛୁଟିଦିନ

# ସୁପର୍ ଦାଦି

ଏମାନଙ୍କ ଆଗରେ ବୟସ ହାର୍ ମାନିଛି। ରୋଗ ଯନ୍ତ୍ରଣାକୁ ଖାତିର ନ କରି, ବୟସକୁ ଏଡେଇଯାଇ ଏମିତି ସବୁ କାମ କରିଛନ୍ତି ଯେଉଁଥିପାଇଁ ଲୋକମୁଖରେ ସେମାନେ ସୁପର୍ ଦାଦିର ପରିଚୟ ପାଇଛନ୍ତି...



ପ୍ରଚ୍ଛଦ ପ୍ରସଙ୍ଗ ୩

# ବାସ୍ତୁ ଅନୁଯାୟୀ ଶୌଚାଳୟ

**ବାସ୍ତୁଶାସ୍ତ୍ର ଅନୁଯାୟୀ, ଘରର ଦକ୍ଷିଣ କିମ୍ବା ଦକ୍ଷିଣ-ପଶ୍ଚିମ କୋଣରେ ଶୌଚାଳୟ ରହିବା ଶୁଭ। ତେବେ ଅନ୍ୟ କୌଣସି ଦିଗରେ ଶୌଚାଳୟ ରହିଲେ କ'ଣ ସବୁ ସମସ୍ୟା ଉପୁଜିଥାଏ ଜାଣନ୍ତୁ ସେ ସମ୍ପର୍କରେ...**

* କୁହାଯାଏ, ଘରର ପୂର୍ବ ଦିଗରେ ଶୌଚାଳୟ ଥିଲେ ପରିବାର ସଦସ୍ୟଙ୍କୁ ସର୍ବଦା ଥକ୍କାପଣ ଅନୁଭବ ହୋଇଥାଏ। କେବଳ ସେତିକି ନୁହେଁ କ୍ରମେ ସମ୍ପର୍କରେ ମଧ୍ୟ ତିକ୍ତତା ଆସେ ବୋଲି ବିଶ୍ୱାସ ରହିଛି।



* ସେହିପରି ଉତ୍ତର ଦିଗରେ ଶୌଚାଳୟ ରହିବା ବି ଠିକ୍ ନୁହେଁ। କୁହାଯାଏ, ଏହି ଦିଗରେ ଶୌଚାଳୟ ରହିଲେ ପରିବାର ସଦସ୍ୟଙ୍କ ରୋଜଗାର ଉପରେ ଏହାର କୁ-ପ୍ରଭାବ ପଡ଼ିଥାଏ। ଧନହାନି ହେବାର ଆଶଙ୍କା ଦେଖାଦେଇଥାଏ।
*ଶୌଚାଳୟ ପାଇଁ ଉତ୍ତର-ପୂର୍ବ କୋଣ ମଧ୍ୟ ଠିକ୍ ନୁହେଁ। ଏହାର ପ୍ରଭାବ ପରିବାର ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ପଡ଼ିଥାଏ ବୋଲି ବିଶ୍ୱାସ କରାଯାଏ।
* ତେବେ ଦକ୍ଷିଣ-ପଶ୍ଚିମ କୋଣରେ ଶୌଚାଳୟ ଗଢିହେବ କିନ୍ତୁ ପଶ୍ଚିମ ଦିଗରେ ଶୌଚାଳୟ ରହିବା ବି ଆଦୌ ଭଲ ନୁହେଁ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି। ଏହାଦ୍ୱାରା ଘରେ ଅଶାନ୍ତି ଉପୁଜିଥାଏ ବୋଲି ବିଶ୍ୱାସ ରହିଛି।
*ଏଥିସହିତ ଧ୍ୟାନ ରଖିବେ, ଶୌଚାଳୟ ଯେମିତି ରୋଷେଇ ଘରର ସମ୍ମୁଖରେ ନ ଥିବ, କାରଣ ଏହାଦ୍ୱାରା ଘରେ ଅଭାବ ଅନଟନ ଲାଗି ରହିଥାଏ ବୋଲି ବାସ୍ତୁଶାସ୍ତ୍ରରେ କୁହାଯାଇଛି।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ସେପ୍ଟେମ୍ବର ୧୦-୧୬

**ମେଷ**: ଶାରୀରିକ ସୁସ୍ଥତା, କାର୍ଯ୍ୟସିଦ୍ଧି, କର୍ମବ୍ୟସ୍ତତା, ଅର୍ଥପାଇବେ, ସାମାଜିକ ସମ୍ମାନ, ଭ୍ରମଣ ସୁଯୋଗ, ଧର୍ମକାର୍ଯ୍ୟ, ନୂତନକର୍ମ ସଂସ୍ଥାନ, ସ୍ଥଗିତ ଯୋଜନାରମ୍ଭ, ପାରିବାରିକ ସହଯୋଗ, ବ୍ୟବସାୟରେ ସଫଳତା ।।

**ବୃଷ**: କର୍ମଜଞ୍ଜାଳ ବଢିବ, ଦୃଢ ପଦକ୍ଷେପ ନେବେ, ବନ୍ଧୁଙ୍କ ପରାମର୍ଶ ମିଳିବ, ପଦସ୍ଥ ବ୍ୟକ୍ତିଙ୍କ ସହଯୋଗ, ମୂଲ୍ୟବାନ ଦ୍ରବ୍ୟ ଲାଭ, ଦୂରଯାତ୍ରାର ପ୍ରସ୍ତୁତି, ଯାନ୍ତ୍ରିକ ତ୍ରୁଟି, ନୂତନ ମିତ୍ରତା, ରାଜନୈତିକ ବିବାଦ, ସାଂଗଠନିକ ତତ୍ପରତା ।।

**ମିଥୁନ**: ସ୍ଥଗିତ କାର୍ଯ୍ୟାରମ୍ଭ, ବନ୍ଧୁଙ୍କ ସହଯୋଗ, ଅର୍ଥ ଲାଭ, ପାରିବାରିକ ବିଶୃଙ୍ଖଳା, ସହକର୍ମୀଙ୍କ ପ୍ରତିଦ୍ୱନ୍ଦ୍ୱିତା, ଭ୍ରାତୃ ବିବାଦର ସମାଧାନ, ପଡୋଶୀଙ୍କ ସହୃଦୟତା, ସାଂସ୍କୃତିକ କାର୍ଯ୍ୟ ଆରମ୍ଭ ।।

**କର୍କଟ**: ପାରିବାରିକ ସମସ୍ୟା, ଟେନ୍‌ସନ ବଢିଯିବ, ଶୁଭ ଖବରପ୍ରାପ୍ତି, ଦୂରସ୍ଥାନକୁ ଯାତ୍ରା, ଶାରିରୀକ ଅସୁସ୍ଥତା, ବ୍ୟବସାୟରେ ସଫଳତା, ବନ୍ଧୁଙ୍କ ସମାଲୋଚନା, ଦୂରଯାତ୍ରା, ପଦସ୍ଥବ୍ୟକ୍ତିଙ୍କ ପରାମର୍ଶ ।।

**ସିଂହ**: ଦୈହିକ ଦୁର୍ବଳତା, ବନ୍ଧୁଙ୍କ ସହାନୁଭୂତି, ଅଯଥା ଅପବ୍ୟୟ, ସମାଲୋଚିତ ହେବେ, ସମ୍ପର୍କହାନି, ପରିସ୍ଥିତିର ମୁକାବିଲା, ଭ୍ରମଣ ସୁଯୋଗ, ସନ୍ତାନଙ୍କ କୃତିତ୍ୱ, ମାମଲାରେ ବାଇଦା, ଯାନବାହନରେ ତ୍ରୁଟି ।।

**କନ୍ୟା**: ନିରୁତ୍ସାହିତ ହେବେ, ବନ୍ଧୁ ବିଚ୍ଛେଦ, ଉଚ୍ଚବର୍ଗଙ୍କ ସହାୟତା, ସାମାଜିକ ସମ୍ମାନ, ଋଣଗ୍ରସ୍ତ ହେବେ, ସନ୍ତାନଙ୍କ ବିଶୃଙ୍ଖଳା, ସ୍ତ୍ରୀଙ୍କ ପ୍ରେରଣା, ମାନସିକ ଆଶ୍ୱସ୍ତି, ମାତୃବର୍ଗରେ ପୀଡା, ଜମିଜମା କ୍ରୟବିକ୍ରୟ ।।

**ତୁଳା**: ଦୂରଯାତ୍ରା, ସ୍ୱାସ୍ଥ୍ୟରେ ଉନ୍ନତି, ମାନସିକ ସ୍ଥିରତା, ପରିସ୍ଥିତି ବଦଳିବ, ଦ୍ରବ୍ୟ ନଷ୍ଟ, ଜଞ୍ଜାଳ ବୃଦ୍ଧି, ଅର୍ଥସାହାଯ୍ୟ ପ୍ରାପ୍ତି, ବାଣିଜ୍ୟରେ ବାଧା, ଉପରିସ୍ଥଙ୍କ ଅନୁଗ୍ରହ, ପଡୋଶୀଙ୍କ କଟୁକ୍ତି, ନୂତନ ନିଯୁକ୍ତିଖବର ।।

**ବିଛା**: ଶାରୀରିକ ଅସୁସ୍ଥତା, ପରିବାରରେ ଝଡ, ବନ୍ଧୁ କ୍ଷୁବ୍ଧ ହେବେ, କାର୍ଯ୍ୟ ଅସମ୍ପୂର୍ଣ୍ଣ ରହିବ, ସାମୟିକ ଦୁଃଖ, ପରିସ୍ଥିତି ହାଲୁକା ହେବ, ପାରିବାରିକ ସଦ୍‌ଭାବ, ପଦମର୍ଯ୍ୟାଦା ବୃଦ୍ଧି, ଆଶାନୁରୂପ ଫଳ ।।

**ଧନୁ**: କାର୍ଯ୍ୟରେ ସଫଳତା, ଖୁସିର ଆସର ଜମିବ, ସମସ୍ୟାର ସମାଧାନ, ଖୋଜୁଥିବା ଜିନିଷ ପ୍ରାପ୍ତି, ବନ୍ଧୁ ସମ୍ପର୍କ ହାନୀ, ଭୁଲ କାମ କରିପାରନ୍ତି, ଆର୍ଥିକ ଦୁରବସ୍ଥା, ସ୍ୱଜନଙ୍କ ସହଯୋଗ, ଲେଖାପଢାରେ କୁଶଳ, ଋଣଗ୍ରସ୍ତ ହେବେ ।।

**ମକର**: ସ୍ୱାସ୍ଥ୍ୟ ସମସ୍ୟା, ପରିସ୍ଥିତି ବଦଳିଯିବ, ନିଜ ପରିସରରୁ ସାହାଯ୍ୟ, ସଭାସମିତିକୁ ନିମନ୍ତ୍ରଣ, ସାହିତ୍ୟରେ ସମ୍ମାନ, ସାମ୍ବାଦିକତାରୁ ଗୌରବ, ଖର୍ଚ୍ଚ ପରିମାଣ ବୃଦ୍ଧି, ମିଥ୍ୟାପବାଦ ମିଳିପାରେ, ଧର୍ମକାର୍ଯ୍ୟ କରିପାରନ୍ତି ।।

**କୁମ୍ଭ**: ପରୋପକାର ପ୍ରବୃତ୍ତି, ପ୍ରଶଂସିତ ହେବେ, ବାଣିଜ୍ୟର ଅଭିବୃଦ୍ଧି, କର୍ମକ୍ଷେତ୍ରରେ ସମ୍ମାନ, ସମସ୍ୟା ସୁଧୁରିବ, ମନୋବଳ ବୃଦ୍ଧି, ବିବାଦ ଦୂର ହେବ, ସହକର୍ମୀଙ୍କ ଅନୁରକ୍ତି, ଜମିଜମା ରେଜିଷ୍ଟ୍ରେସନ, ସତ୍‌ସଙ୍ଗର ସୁଯୋଗ, ଆରୋଗ୍ୟ ଲାଭ ।।

**ମୀନ**: ଅତୀତ ଘଟଣାର ଅନୁଚିନ୍ତା, କାର୍ଯ୍ୟହାନୀରୁ ପଶ୍ଚାତାପ, ମନ ଆନ୍ଦୋଳିତ ରହିବ, ଦୃଢପଦକ୍ଷେପରୁ କାର୍ଯ୍ୟସିଦ୍ଧି, ପ୍ରତିଯୋଗିତାରେ ସଫଳତା, ସମସ୍ୟାର ସମଧାନ, ଆମୋଦପ୍ରମୋଦରେ ଅରୁଚି, ପାରିବାରିକ ମତାନ୍ତର, ସହଯୋଗର ଅଭାବ, ସ୍ତ୍ରୀଙ୍କ ପରାମର୍ଶ ।।

# ଭୋଜନକୁ ନେଇ ନିୟମ



**ଭୋ**ଜନ କରିବାକୁ ନେଇ ବାସ୍ତୁଶାସ୍ତ୍ରରେ କିଛିଟା ନିୟମ ରହିଛି। ଯଥା: ପୂର୍ବ ଦିଗକୁ ମୁହଁ କରି ଖାଇଲେ ମାନସିକ ଚାପ ଦୂର ହୁଏ, ମସ୍ତିଷ୍କ ଫୁର୍ତ୍ତି ରହେ ଏବଂ ଖାଦ୍ୟ ଭଲଭାବେ ହଜମ ହୁଏ। ଯେଉଁମାନେ ଧନ, ବିଦ୍ୟା ଓ ଆଧ୍ୟାତ୍ମିକ ଶକ୍ତି ପ୍ରାପ୍ତ କରିବାକୁ ଚାହାନ୍ତି ସେମାନେ ଉତ୍ତର ଦିଗକୁ ମୁହଁ କରି ଭୋଜନ କରିବା ଉତ୍ତମ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି। କ୍ୟାରିୟର ସଚେତନ ଯୁବପିଢ଼ି ଓ ବିଦ୍ୟାର୍ଥୀ ଏହି ଦିଗକୁ ମୁହଁ କରି ଭୋଜନ କରିବା ଲାଭଦାୟକ ହୋଇଥାଏ ବୋଲି ବିଶ୍ୱାସ ରହିଛି। ପଶ୍ଚିମ ଦିଗକୁ ଲାଭର ଦିଗଭାବେ ବିବେଚନା କରାଯାଏ। ବ୍ୟବସାୟ, ଚାକିରି କରିଥିବା ବ୍ୟକ୍ତି ଏହି ଦିଗକୁ ମୁହଁ କରି ଭୋଜନ କରିବା ଶୁଭ ହୋଇଥାଏ। ଯେଉଁମାନଙ୍କର ମାତାପିତା ଜୀବିତ ଅଛନ୍ତି ସେମାନେ ଦକ୍ଷିଣ ଦିଗକୁ ମୁହଁ କରି ଖାଇବା ଉଚିତ ନୁହେଁ। କୁହାଯାଏ, ଏହି ଦିଗକୁ ମୁହଁ କରି ଖାଇଲେ ମାତାପିତାଙ୍କ ଶରୀର ଉପରେ କୁ-ପ୍ରଭାବ ପଡିଥାଏ। ତେବେ ବାସ୍ତୁଶାସ୍ତ୍ରରେ ଆଉ ଏକ କଥା ମଧ୍ୟ କୁହାଯାଇଛି, ଭୋଜନ କରିବାକୁ ଗୋଟେ ଥର ବସିଲେ ପେଟପୂରା ଖାଇସାରିକି ହିଁ ଉଠିବା ଦରକାର; ଯାହାକି ଉଭୟ ଶରୀର ଓ ମନକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ।

# ପାଠକୀୟ

* ଦିନେ ନିହାତି ସାଧାରଣ ଖାଦ୍ୟ ଭାବେ ଗଣା ହେଉଥିବା ମାଣ୍ଡିଆ ଆଜି ପୁଷ୍ଟିକର ଓ ସ୍ୱାସ୍ଥ୍ୟୋପଯୋଗୀ ଖାଦ୍ୟ ଭାବରେ ରହିଛି ଆଗରେ। ତେଣୁ ମାଣ୍ଡିଆକୁ ନେଇ ସ୍ୱତନ୍ତ୍ର ଭାବେ ଉପସ୍ଥାପନା କରାଯାଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗଟି ସତରେ ବେଶ୍ ଶିକ୍ଷଣୀୟ ତଥା ତଥ୍ୟପୂର୍ଣ୍ଣ ହୋଇପାରିଥିଲା। 'ରାଗ କମାଇବେ କିପରି', 'ମୁଖ୍ୟଦ୍ୱାର ପାଇଁ ଶୁଭ ଏହି ଗଛ' ଆଦି ପାଠରୁ ବହୁ ଅଜଣା କଥା ଜାଣିହେଲା।

*– ରାଜଶ୍ରୀ ସେନାପତି, ଫୁଲନଖରା, କଟକ*

* ଛୁଟିଦିନରେ ମାଣ୍ଡିଆକୁ ନେଇ ସ୍ୱତନ୍ତ୍ର ଭାବେ ଉପସ୍ଥାପନା କରାଯାଇଥିବା ପ୍ରଚ୍ଛଦ ପ୍ରସଙ୍ଗଟି ବେଶ୍ ମନଛୁଆଁ ଥିଲା। 'ଇକୋଫ୍ରେଣ୍ଡଲି ରାଖୀ' ବି ଏକ ନିଆରା ଆଲେଖ୍ୟ ଥିଲା। ବ୍ୟକ୍ତିତ୍ୱ ପୃଷ୍ଠାରୁ ଲୋକପ୍ରିୟ ଧାରାବାହିକ ପ୍ରଯୋଜକ ତଥା ଡକ୍ୟୁମେଣ୍ଟାରି ଫିଲ୍ମ ପ୍ରଯୋଜକ ପ୍ରସନ୍ନ ପୃଷ୍ଟିଙ୍କ ଜୀବନୀ ସମ୍ପର୍କରେ ବହୁ ଅଜଣା କଥା ଜାଣି ଖୁସି ଲାଗିଲା।

*– ସୁଶ୍ରୀ ସଙ୍ଗୀତା ସାମଲ, ମୟୂରଭଞ୍ଜ*

* ସୃଜନ ପୃଷ୍ଠାରେ ସ୍ଥାନିତ 'ମିଡିଲ କ୍ଲାସ୍ ବାପା' ଶୀର୍ଷକ ଗପଟି ମନଛୁଆଁ ହୋଇଥିଲା। ସେହିପରି 'ଡାକ', 'ଯା, ଉଡ଼ିଯା, ଚଢ଼ୁର କାଉରେ' ଆଦି କବିତା ମଧ୍ୟ ହୃଦୟସ୍ପର୍ଶୀ ଥିଲା। ସିନେମା ପୃଷ୍ଠାଟି ଆକର୍ଷଣୀୟ ଲାଗୁଥିଲା। ବିଶେଷକରି ଏଥିରେ ସ୍ଥାନିତ 'ସନ୍ନି ଯାହା ଭାବୁଥିଲେ', 'ଟିଙ୍ଗା ଟେରୁ', 'ଦୋଛକିରେ କ୍ରିତି' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ବେଶ୍ ମନଛୁଆଁ ହୋଇଥିଲା।

*– ପ୍ରକାଶ ସାହୁ, ବ୍ରହ୍ମଗିରି, ପୁରୀ*

* ଲେଖିକା ଅନସୂୟା ପଣ୍ଡାଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ମନଛୁଆଁ ହୋଇପାରିଥିଲା। ସାଥୀର ଉତ୍ତରଗୁଡ଼ିକ ବି ରୋମାଣ୍ଟିକ୍‌ଭରା ଥିଲା। 'ଲାସ୍ୟବାନଙ୍କ ଚିତ୍ର ଦୁନିଆ' ସମ୍ପର୍କରେ ଅନେକ ଅଜଣା କଥା ଜାଣି ଖୁସି ଲାଗିଲା। ମଡେଲ୍ ମିରର୍‌ରେ ଜାଙ୍କଲିନ୍ ବେଶ୍ ସୁନ୍ଦରୀ ଲାଗୁଥିଲେ। ସେହିପରି ଜିରୋ ଉପତ୍ୟକା ସମ୍ପର୍କରେ ସହର ପୃଷ୍ଠାରୁ ବହୁ ଅଜଣା କଥା ଜାଣିବାକୁ ମିଳିବାରୁ ଭଲ ଲାଗିଲା।

*– ଆଶୁତୋଷ ପ୍ରଧାନ, ଆଳି, କେନ୍ଦ୍ରାପଡ଼ା*

* ବିବିଧା ପୃଷ୍ଠାରୁ 'ମଶା କାମୁଡ଼ିଲେ କୁଣ୍ଡାଇ ହୁଏ କାହିଁକି' ତାହା ଜାଣିହେଲା। ସେହିପରି 'ଏତେ ବଡ଼ ଓମଲେଟ୍', 'ପାନ ବର୍ଗର', 'ସବୁଠୁ ଛୋଟ କୁକୁର', 'ଖାଦ୍ୟ ସାମଗ୍ରୀରେ ପୋଷାକ' ଆଦି ପାଠଗୁଡ଼ିକ ଯେତିକି ମଜାଦାର ଥିଲା ସେତିକି ଆଶ୍ଚର୍ଯ୍ୟକର ବି ଲାଗୁଥିଲା। 'ସର୍ପ ସହ ରାତିଟିଏ' ଶୀର୍ଷକ ଚିନ୍ମୟ ଚିନ୍ତନ ପାଠଟି ବି ବେଶ୍ ଶିକ୍ଷଣୀୟ ହୋଇପାରିଥିଲା।

*– ସରୋଜ ତ୍ରିପାଠୀ, ଖଣ୍ଡଗିରି, ଭୁବନେଶ୍ୱର*




## ବିଶେଷ ଚିଠି

ମାଣ୍ଡିଆକୁ ନେଇ ଥିଲା
ଏଥରର ପ୍ରଚ୍ଛଦ,
ଲାଗୁଥିଲା ଭାରି ବଢ଼ିଆ
ମନେ ଭରିଲା ଆନନ୍ଦ।
ସୃଜନ, ସିନେମା ବି ଲାଗୁଥିଲା
ଭାରି ଖାସ୍
ସାଥୀର ଉତ୍ତର ପଢ଼ି
ମନ ହେଇଗଲା ବିନ୍ଦାସ୍।
ଛୁଟିଦିନ ତୁମେ ସତରେ ସୁନ୍ଦର
ପାଖରେ ପାଇଲେ ତୁମକୁ ମନହୁଏ
ବିଭୋର।

*– ଶକୁନ୍ତଳା ସୁବୁଦ୍ଧି, ଭବାନୀପାଟଣା*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795



ରବି ବାଲା ଶର୍ମା

# ସୁପର୍ ଦାଦି

ବୟସ ହୋଇଗଲେ ଅନେକଙ୍କର ମନୋବଳ ଦୁର୍ବଳ ହୋଇଯାଏ। କାମ କରିବାକୁ ସେମାନେ ଅସମର୍ଥ ହୋଇଯାନ୍ତି। ତାଙ୍କୁ ଦେଖିଲେ ଲାଗେ ସତେ ଯେମିତି ବାର୍ଦ୍ଧକ୍ୟ ସେମାନଙ୍କୁ ସମ୍ପୂର୍ଣ୍ଣ କାବୁ କରିନେଇଛି। ହେଲେ ଏଠାରେ ଯେଉଁ କେତେଜଣ ମହିଳାଙ୍କ ସମ୍ପର୍କରେ ଉଲ୍ଲେଖ କରାଯାଉଛି, ସେମାନଙ୍କର ବୟସ ଯଥେଷ୍ଟ ହୋଇଯାଇଥିଲେ ବି ଶାରୀରିକ ଓ ମାନସିକ ଦୃଷ୍ଟିରୁ ସେମାନେ ଏବେ ବି ବେଶ୍ ଫୁର୍ତ୍ତି ଅନୁଭବ କରୁଛନ୍ତି। ଆଉ ଏମିତି କିଛି କାମ କରି ଦେଖାଉଛନ୍ତି, ଯାହାକୁ ଦେଖିଲେ ଲାଗୁଛି ସତେ ଯେମିତି ବୟସ ସେମାନଙ୍କ ପାଖରେ ହାର୍ ମାନିଯାଇଛି। ସେଥିପାଇଁ ତ ଲୋକମୁଖରେ ସେମାନେ ଜଣେ ଜଣେ ସୁପର୍ ଦାଦିର ପରିଚୟ ପାଇଛନ୍ତି...

**✲ ଡ୍ୟାନ୍ସିଂ ଦାଦି:** ଉତ୍ତରପ୍ରଦେଶର ମୋରାଦାବାଦ୍‌ରେ ଜନ୍ମିତ ରବି ବାଲା ଶର୍ମାଙ୍କୁ ଏବେ ବୟସ ପ୍ରାୟ ୬୪ ବର୍ଷ ହେବ। ଏ ବୟସରେ ଯେଉଁଠି ଅଧିକାଂଶଙ୍କଠାରେ ଆଣ୍ଠୁଗଣ୍ଠି ବିନ୍ଧା ରୋଗ ଦେଖିବାକୁ ମିଳେ, ସେଠି କିନ୍ତୁ ରବି ବାଲା ନାଚ, ଗୀତ କରିବା ସହିତ ବେଶ୍ ସୁସ୍ଥ ଅଛନ୍ତି। ପିଲାଟି ଦିନରୁ ନାଚ ପ୍ରତି ତାଙ୍କର ଦୁର୍ବଳତା ରହିଆସିଛି। ସେ କଥକ ନୃତ୍ୟ ଉପରେ ବିଧିବଦ୍ଧ ଶିକ୍ଷା ମଧ୍ୟ ଗ୍ରହଣ କରିଛନ୍ତି। ତା'ସହିତ ତାଙ୍କ ବାପା ଯେହେତୁ ଜଣେ ତବଲା ବାଦକ ଓ କଣ୍ଠଶିଳ୍ପୀ ଥିଲେ, ତେଣୁ ରବି ବାଲାଙ୍କର ମଧ୍ୟ ଏ ଦୁଇଟି କଳା ପ୍ରତି ଶ୍ରଦ୍ଧା ରହିଆସିଛି। ବାହାଘର ପରେ ତାଙ୍କୁ ତାଙ୍କ ସ୍ୱାମୀ ଓ ଶାଶୁଘର ଲୋକେ ସହଯୋଗ କରିବାରୁ ସିଏ ଏକ ବିଦ୍ୟାଳୟରେ ପିଲାମାନଙ୍କୁ ନୃତ୍ୟ ଶିକ୍ଷା ଦେଉଥିଲେ। ୬୦ ବର୍ଷ ହୋଇଯିବାରୁ ଚାକିରିରୁ ଅବସର ନେବାକୁ ପଡ଼ିଲା ତା'ସହିତ ସ୍ୱାମୀଙ୍କର ଅକାଳ ବିୟୋଗ ରବି ବାଲାଙ୍କର ମନୋବଳକୁ ପୂରା ଦୋହଲାଇଦେଲା। ମୁହଁରୁ ତାଙ୍କର ହସ ଲିଭିଗଲା। ନାଚିବାକୁ ଆଉ ତାଙ୍କୁ ଆଗ୍ରହ ଆସିଲାନି। ଏମିତି କିଛିଦିନ ବିତିଯିବା ପରେ ରବି ବାଲାଙ୍କ ପରିବାର ଲୋକେ ତାଙ୍କୁ ପୁଣି ନାଚିବାକୁ ବାଧ୍ୟ କଲେ। କାରଣ ସେମାନେ ଜାଣିଥିଲେ, ନାଚ ଦ୍ୱାରା ହିଁ ତାଙ୍କୁ ପୁଣି ଥରେ ସ୍ୱାଭାବିକ ଅବସ୍ଥାକୁ ଫେରାଇ ଆଣିହେବ। ସେୟା ହିଁ ହେଲା, ନାଚ ଦ୍ୱାରା ରବି ବାଲା ଧୀରେ ଧୀରେ ଠିକ୍ ହେବାକୁ ଲାଗିଲେ। ତେବେ କରୋନା ପାଇଁ ଲକ୍ ଡାଉନ୍ ଚାଲିଥିବାବେଳେ ତାଙ୍କର କେତୋଟି ନୃତ୍ୟ ଭିଡିଓକୁ ତାଙ୍କ ପିଲାମାନେ ପ୍ରଥମେ ଇନ୍‌ଷ୍ଟାଗ୍ରାମ୍‌ରେ ପୋଷ୍ଟ କଲେ; ଯାହାକୁ ଭିଓ୍ୟର୍ସମାନେ ବେଶ୍ ପସନ୍ଦ ବି କଲେ। କ୍ରମେ ଇନ୍‌ଷ୍ଟାଗ୍ରାମ୍‌ରେ ତାଙ୍କ ଫଲୋର୍ସଙ୍କ ସଂଖ୍ୟା ବଢ଼ିବାକୁ ଲାଗିଲା ଆଉ ତାଙ୍କୁ ଡ୍ୟାନ୍ସିଂ ଦାଦି ଭାବେ ନୂଆ ଏକ ପରିଚୟ ମିଳିଗଲା।

> ଏମାନେ ଏମିତି ବୟସରେ ଅଛନ୍ତି, ଯେଉଁ ବୟସରେ ସାଧାରଣତଃ ଅନ୍ୟମାନେ ବୟାସାଧିକ୍ୟ ଓ ଅସୁସ୍ଥତା ଭିତରେ ଛନ୍ଦି ହୋଇ ଯାଆନ୍ତି। କିନ୍ତୁ ଏମାନଙ୍କ ଆଗରେ ବୟସ ହାର୍ ମାନିଛି। ରୋଗ ଯନ୍ତ୍ରଣାକୁ ଏମାନେ ଖାତିର କରି ନାହାନ୍ତି। ବୟସକୁ ଏଡେଇଯାଇ ଏମିତି ସବୁ କାମ କରିଛନ୍ତି ଯେଉଁଥିପାଇଁ ଲୋକମୁଖରେ ସେମାନେ ସୁପର୍ ଦାଦିର ପରିଚୟ ପାଇଛନ୍ତି...

ବାସ୍ ତା'ପରଠୁ ରବି ବାଲା ଆଉ ପଛକୁ ଫେରି ଚାହିଁ ନାହାନ୍ତି। ବଲିଉଡ୍‌ର ଟ୍ରେଣ୍ଡି ଗୀତଗୁଡ଼ିକରେ ଖୁବ୍ ସୁନ୍ଦର ନୃତ୍ୟ ପରିବେଷଣ କରି ତାହାକୁ ଇନ୍‌ଷ୍ଟାଗ୍ରାମ୍‌ରେ ପୋଷ୍ଟ କରୁଛନ୍ତି ଆଉ ଭିଓ୍ୟର୍ସଙ୍କର ପ୍ରଶଂସା ସାଉଁଟି ଚାଲିଛନ୍ତି। କେବଳ ସେତିକି ନୁହେଁ, ଯା' ଭିତରେ ରବି ବାଲା ଡ୍ୟାନ୍ସ ଦିୱାନେ ନାମକ ଏକ ଡ୍ୟାନ୍ସିଂ ରିଆଲିଟି ଶୋ'ରେ ଭାଗ ନେଇ ଦର୍ଶକଙ୍କ ସମେତ ଅନେକ ସେଲିବ୍ରିଟିଙ୍କର ମଧ୍ୟ ମନ ଜିଣିବାରେ ସକ୍ଷମ ହୋଇଛନ୍ତି। ତେବେ ନିଜର ଏହି ସଫଳତାକୁ ନେଇ ନିକଟରେ ଏକ ଗଣମାଧ୍ୟମ ସଂସ୍ଥାକୁ ଦେଇଥିବା ସାକ୍ଷାତ୍କାରରେ ରବି ବାଲା କହିଛନ୍ତି ଯେ, 'ନାଚ ହେଉଛି ମୋ ଜୀବନ; ଯାହା ମୋତେ ଏ ବୟସରେ ଫିଟ୍ ରଖିବା ସହ ଡ୍ୟାନ୍ସିଂ ଦାଦି ଭାବେ ଭିନ୍ନ ଏକ ପରିଚୟ ଦେଇଛି। ତା'ସହିତ ନିୟମିତ ଯୋଗାଭ୍ୟାସ, ସନ୍ତୁଳିତ ଆହାର ଏବଂ ଉପଯୁକ୍ତ ବିଶ୍ରାମ ବି ମୋତେ ସୁସ୍ଥ ରଖିବାରେ ଅନେକ ସାହାଯ୍ୟ କରିଛି। ତେଣୁ ମୁଁ ଆଜିର ଯୁବପିଢ଼ି ଓ ମୋ ବୟସର ବ୍ୟକ୍ତିବିଶେଷଙ୍କୁ ଏଠାରେ ଗୋଟେ କଥା କହି ରଖିବାକୁ ଚାହେଁ ଯେ, ଅଳସୁଆ ନ ହୋଇ ପରିଶ୍ରମୀ ଓ ସମୟାନୁବର୍ତ୍ତୀ ହେଲେ ଏବଂ ମନରେ ସକାରାତ୍ମକ ଭାବନା ରଖିଲେ ଅସମ୍ଭବ କାର୍ଯ୍ୟ ବି ସମ୍ଭବ ହୋଇପାରେ। ଯାହାର ଜ୍ୱଳନ୍ତ ଉଦାହରଣ ହେଉଛି ମୁଁ ନିଜେ।'



ରେଶମବାଈ

**✲ ଦେୱାସ୍‌ର ରକେଟ୍ ଦାଦି:** ମଧ୍ୟପ୍ରଦେଶର ଦେୱାସ୍ଠାରେ ୯୫ ବର୍ଷ ବୟସର ଜଣେ ବୃଦ୍ଧା ରାସ୍ତାରେ ପ୍ରାୟ ୬୦ରୁ ୮୦ ସ୍ପିଡ୍‌ରେ କାର୍ ଚଲାଉଥିବାର ଏକ ଭିଡିଓ ଏଇ କିଛିଦିନ ତଳେ ଇଣ୍ଟରନେଟ୍‌ରେ ବେଶ୍ ଭାଇରାଲ୍ ହୋଇଥିଲା। ୯୫ ବର୍ଷ ବୟସରେ ପ୍ରାୟତଃ ଲୋକମାନଙ୍କୁ ରୋଗାଗ୍ରସ୍ତ ହୋଇ ଯାଉଥିବାର ଦେଖିବାକୁ ମିଳିଥାଏ। କିନ୍ତୁ ରେଶମବାଈ ତନ୍ୱରଙ୍କ କ୍ଷେତ୍ରରେ ଏସବୁର ବ୍ୟତିକ୍ରମ ଦେଖାଯାଏ। ସୂଚନାନୁଯାୟୀ, ସ୍ୱାମୀଙ୍କର ଦେହାନ୍ତ ପରେ ରେଶମବାଈ ପରିବାର ପ୍ରତିପୋଷଣ କରିବାକୁ ଏକ ଫ୍ୟାକ୍ଟ୍ରିରେ କାମ କରିବାକୁ ଲାଗିଲେ। ଘରର ସମସ୍ତ ଦାୟିତ୍ୱ ବୁଝି ଫ୍ୟାକ୍ଟ୍ରି କାମ ସୁଚାରୁରୂପେ ତୁଲାଇବାରେ ସେ ବେଶ୍ ମାହିର ଥିଲେ। ଚଞ୍ଚଳ ସ୍ୱଭାବର ରେଶମବାଈଙ୍କୁ ନୂଆ ନୂଆ କଥା ଜାଣିବା ପ୍ରତି ସବୁବେଳେ ଆଗ୍ରହ ରହିଆସିଥିଲା। କୌଣସି କାର୍ଯ୍ୟ ପାଇଁ ସିଏ କାହା ଉପରେ ନିର୍ଭର କରିବାକୁ ପସନ୍ଦ କରୁ ନ ଥିଲେ। ସେଥିପାଇଁ ରୋଷେଇବାସରୁ ଆରମ୍ଭ କରି ଗାଈଗୋରୁଙ୍କ କଥା ବୁଝିବା, ଚାଷବାସ ତଦାରଖ କରିବା ଏପରିକି ଫ୍ୟାକ୍ଟ୍ରି କାମ ସବୁକିଛି ସେ ଠିକ୍‌ଠାକ୍ କରି ନେଉଥିଲେ। ଆଜକୁ ୧୦/୧୨ ବର୍ଷ ତଳେ ତାଙ୍କର ଟ୍ରାକ୍ଟର ଶିଖିବାକୁ ହଠାତ୍ ଇଚ୍ଛା ହେବାରୁ ସେ ନିଜ ମନ କଥା ତାଙ୍କ ଘର ଲୋକଙ୍କୁ ଜଣାଇଲେ। ଘର ଲୋକଙ୍କ ସହାୟତାରେ ଟ୍ରାକ୍ଟର ଶିଖିବାରେ ବି ସେ ସକ୍ଷମ ହୋଇଗଲେ। ଆଉ ତାଙ୍କୁ ଯେତେବେଳେ ୯୫ ବର୍ଷ ବୟସ ହେଲା କାର୍ ଶିଖିବାକୁ ତାଙ୍କର ଆଗ୍ରହ ହେଲା। ପୁଅକୁ ଏକଥା ଜଣାଇବାରୁ ପୁଅ ତାଙ୍କୁ କାର୍ ଶିଖାଇଲେ। ମାତ୍ର ୩ ମାସ ଭିତରେ ସେ କାର୍ ଚଳାଇବାରେ ବି ବେଶ୍ ମାହିର ହୋଇଗଲେ। ଏବେ ସିଏ ଆରାମରେ ୬୦ରୁ ୮୦ ସ୍ପିଡ୍‌ରେ କାର୍ ଚଲେଇ ରାସ୍ତାରେ ଯାଇପାରୁଛନ୍ତି। ତେବେ ବୟସ ଅଧିକ ହୋଇଯାଇଥିବାରୁ ପରିବାର ଲୋକଙ୍କ ମଧ୍ୟରୁ ଜଣେ କେହି ତାଙ୍କ ସହିତ ସବୁବେଳେ ରହୁଛନ୍ତି। ଗଳିକନ୍ଦିରେ କାର୍ ଚଲେଇବାକୁ ନ ଦେଇ କେବଳ ମେନ୍‌ରୋଡ୍‌ରେ ଫାଙ୍କା ଜାଗାରେ ଚଳାଇବାକୁ ଦେଉଛନ୍ତି। ଆଉ ୨୦ କି.ମି.ରୁ ଅଧିକ ବାଟ ତାଙ୍କୁ କାର୍ ଚଲାଇବାକୁ ଦେଉନାହାନ୍ତି। ତେବେ ଯାହାବି ହେଉନା କାହିଁକି ତାଙ୍କର ଏହି କାର୍ ଚଲେଇବାର ଭିଡିଓ ଯେତେବେଳେ ସୋସିଆଲ୍ ମିଡିଆରେ ପୋଷ୍ଟ କରାଗଲା, ତାହା ବେଶ୍ ମାଇଲେଜ୍ ନେଲା। ଆଉ ଖୁବ୍ କମ୍ ଦିନ ଭିତରେ ତାହା ଭାଇରାଲ୍ ବି ହୋଇଗଲା।

→



ନାଗରତନମ୍ମା




ରାମବାଈ

ଲୋକେ ତାଙ୍କୁ ଖୁସିରେ ରକେଟ୍ ଦାଦି କହିବାକୁ ମଧ୍ୟ ଲାଗିଲେ ; ଯାହା ରେଶମବାଈଙ୍କୁ ଭିନ୍ନ ଏକ ପରିଚିତି ଦେଲା। କେବଳ କାର୍ ଚଲେଇବା ନୁହେଁ, ଆଣ୍ଡ୍ରୋଏଡ୍ ଫୋନ୍ ବ୍ୟବହାର କରିବାରେ ବି ବେଶ୍ ମାହିର ଅଛନ୍ତି ରେଶମବାଈ।

**✲ ଭାଇରାଲ୍ ଦାଦି:** ୬୨ ବର୍ଷ ବୟସରେ ଶାଢି ପିନ୍ଧି ପାହାଡ ଚଢିବା କଥା ସତରେ ବେଶ୍ ଆଶ୍ଚର୍ଯ୍ୟକର କଥା ନା ! କିନ୍ତୁ ଏହି ଅସମ୍ଭବକୁ ସମ୍ଭବ କରି ଦେଖାଇଛନ୍ତି ବାଙ୍ଗାଲୋର୍‌ର ନାଗରତନମ୍ମା ନାମ୍ନୀ ଜଣେ ମହିଳା। ଦୁଃସାହସିକ କାର୍ଯ୍ୟ ପ୍ରତି ରୁଚି ରଖୁଥିବା ନାଗରତନମ୍ମା ଆଜକୁ ପ୍ରାୟ ୪୦ ବର୍ଷ ତଳେ ପାହାଡ ଚଢିବାକୁ ନେଇ ମନରେ ଏକ ଆଶା ବାନ୍ଧିଥିଲେ। କିନ୍ତୁ ପରିବାରର ଦାୟିତ୍ୱ ଭିତରେ ଛନ୍ଦି ହୋଇ ତାଙ୍କର ସେହି ଆକାଂକ୍ଷାକୁ ପୂରଣ କରିପାରି ନ ଥିଲେ। ଏବେ ତାଙ୍କ ପିଲାମାନେ ବଡ଼ ହୋଇ ନିଜ ନିଜ ଦାୟିତ୍ୱ ସମ୍ଭାଳି ନେବାରୁ ତାଙ୍କର ସେହି ଶୁପ୍ତ ଆଶାକୁ ପୂରଣ କରିବାକୁ ସିଏ ପୁଣି ଅଣ୍ଟାଭିଡିଲେ। ନିଜ ମନ କଥା ପୁଅ ଆଗରେ ପ୍ରକାଶ କରିବାରୁ ପୁଅ ଓ ତାଙ୍କର କେତେଜଣ ସାଙ୍ଗ ମିଶି କେରଳ ନିକଟସ୍ଥ ଅଗସ୍ତ୍ୟାରକୁଡମ୍ ନାମକ ଏକ ପାହାଡ଼କୁ ବୁଲିଯିବା ପାଇଁ ପ୍ଲାନିଂ କଲେ। ପ୍ରାୟ ୬୧୨୯ ଫୁଟ୍ ଉଚ୍ଚତାବିଶିଷ୍ଟ ଏହି ପାହାଡ଼ ଉପରକୁ ରଶି ଧରି ଧରି ଚଢିବାର ସୁବିଧା ଥିବାରୁ ନାଗରତନମ୍ମା ଏହିଠାରେ ହିଁ ନିଜ ଇଚ୍ଛାକୁ ପୂରଣ କରିବାକୁ ସମସ୍ତ ଚେଷ୍ଟା ଲଗାଇଦେଲେ ଆଉ ସେଥିରେ ସଫଳ ବି ହେଲେ। ଜଣେ ବୃଦ୍ଧା ଶାଢି ପିନ୍ଧି ରଶିକୁ ଧରି ଧରି ପାହାଡ ଚଢିବାର ଏହି ପ୍ରୟାସକୁ ସେଠାରେ ଉପସ୍ଥିତ ଥିବା ଲୋକଙ୍କ ଭିତରୁ ଯିଏ ବି ଦେଖିଲେ ସିଏ ଆଶ୍ଚର୍ଯ୍ୟ ହୋଇଗଲେ। କେହି କେହି ତ ଏହି ଦୃଶ୍ୟର ଭିଡିଓ କରି ସୋସିଅଲ୍ ମିଡିଆରେ ଶେୟାର୍ ବି କଲେ। ଯଦ୍ଦ୍ୱାରା ଖୁବ୍ କମ୍ ସମୟ ଭିତରେ ନାଗରତନମ୍ମାଙ୍କର ଏହି ପାହାଡ଼ ଚଢା ଦୃଶ୍ୟ ଇଣ୍ଟରନେଟ୍‌ରେ ବେଶ୍ ଭାଇରାଲ୍ ହୋଇଗଲା। ଆଉ ତାଙ୍କ ଭିଡିଓ ଦେଖି କିଏ ତାଙ୍କୁ ସୁପର୍ ଦାଦିର ଆଖ୍ୟା ଦେଲା ତ କିଏ ତାଙ୍କୁ ଭାଇରାଲ ଦାଦି ବୋଲି ବି କହିବାକୁ ଲାଗିଲା।

**✲ ଉଡ଼ନପରୀ ଦାଦି:** ହରିୟାଣାର ଚରଖୀ ଦାଦରି ଜିଲା ଅନ୍ତର୍ଗତ କାଦ୍‌ମା ଗାଁର ବାସିନ୍ଦା ହେଲେ ରାମବାଈ। ବୟସ ପାଖାପାଖି ୧୦୬ ବର୍ଷ ହେବ। ସୂଚନାନୁଯାୟୀ, ଉକ୍ତ ଗାଁର ସେ ହେଉଛନ୍ତି ସବୁଠାରୁ ବୟସ୍କା ମହିଳା। ହେଲେ ଏ ବୟସରେ ବି ସେ ଖାଲି ସୁସ୍ଥ ନାହାନ୍ତି ବରଂ ଦୌଡ଼ ଅଭ୍ୟାସ କରି ଅନେକ ପୁରସ୍କାର ମଧ୍ୟ ଜିତିଛନ୍ତି। ଯେଉଁଥିପାଇଁ ତାଙ୍କୁ ତାଙ୍କ ଗାଁ ଲୋକେ ଏବେ ସ୍ନେହରେ ଉଡ଼ନପରୀ ଦାଦି ବୋଲି ସମ୍ବୋଧନ କରୁଥିବାର ଶୁଣିବାକୁ ମିଳୁଛି। ରାମବାଈ ତାଙ୍କ ଜୀବନର ବହୁ ମୂଲ୍ୟବାନ ସମୟ ଘରର ଦେଖାଚାହାଁ, ପରିବାର କଥା ବୁଝିବା ତଥା ଚାଷବାସ କାମ ତଦାରଖ କରିବାରେ ବିତାଇ ଦେଇଥିଲେ। କିନ୍ତୁ କିଛି ଗୋଟେ ଭିନ୍ନ କରିବାର ଇଚ୍ଛା ତାଙ୍କ ମନ ଭିତରେ ସବୁବେଳେ ରହୁଥିଲା, ହେଲେ ସୁଯୋଗ ପାଉ ନ ଥିଲେ। ୨୦୧୭ରେ ସେ ଯେତେବେଳେ ଜାଣିବାକୁ ପାଇଲେ ଯେ, ପଞ୍ଜାବର ମାନ୍ କୌର୍ ନାମ୍ନୀ ଜଣେ ୧୦୧ ବର୍ଷୀୟା ମହିଳା ୧୦୦ ମିଟର ରନ୍‌କୁ ମାତ୍ର ୭୪ ସେକେଣ୍ଡରେ ପୂରଣ କରି ନୂଆ ଏକ ରେକର୍ଡ କରିଛନ୍ତି ବୋଲି, ତା'ପରଠୁ ତାଙ୍କ ଭିତରେ ବି ଏମିତି କିଛି ରେକର୍ଡ କରିବାର ନିଶା ଜୋର୍ ଧରିଲା। ସେଥିପାଇଁ ସେବେଠାରୁ ସିଏ ଦୌଡ଼ ଅଭ୍ୟାସ କରିବା ଆରମ୍ଭ କରିଦେଇଥିଲେ। ତା'ପରେ ଅନେକ ପ୍ରତଯୋଗିତାରେ ମଧ୍ୟ ଭାଗ ନେଇ ପ୍ରଶଂସା ସାଉଁଟିଲେ। ତେବେ ରାମବାଈଙ୍କୁ ଯେତେବେଳେ ୧୦୫ ବର୍ଷ ବୟସ ହୋଇଥିଲା, ତାଙ୍କୁ ଭଦୋଦରାରେ ହେଉଥିବା ନ୍ୟାଶନାଲ ଲେଭଲ୍ ଆଥଲେଟିକ୍ସ ଚାମ୍ପିୟନ୍‌ଶିପ୍ସରେ ଭାଗ ନେବାର ସୁଯୋଗ ମିଳିଲା। ସେଠାରେ ସିଏ ୮୫ ବର୍ଷରୁ ଊର୍ଦ୍ଧ୍ୱ କାଟେଗୋରିରେ ଭାଗ ନେଇ ୧୦୦ ମିଟର ରନ୍‌କୁ ମାତ୍ର ୪୫.୪0 ସେକେଣ୍ଡରେ ଶେଷ କରି ନୂଆ ଏକ ରେକର୍ଡ ସ୍ଥାପନ କଲେ। ତା'ପରେ ୨୦୦ ମିଟର ରନ୍ ଏବଂ ଶଟ୍ ପୁଟ୍ ପାଇଁ ବି ତାଙ୍କୁ ଗୋଲ୍ଡ ମେଡାଲ୍ ମିଳିଲା ; ଯାହା ତାଙ୍କୁ ନୂଆ ଏକ ପରିଚୟ ଆଣିଦେଲା। ବାସ୍ ସେବେଠାରୁ ସିଏ ଆଉ ପଛକୁ ଫେରି ଚାହିଁ ନାହାନ୍ତି। ଏବେ ବି ପ୍ରତିଦିନ ପ୍ରାୟ ୫ କି.ମି ସିଏ ଦୌଡ଼ ଅଭ୍ୟାସ କରୁଛନ୍ତି। ବ୍ୟାୟାମ୍ କରିବା, ସନ୍ତୁଳିତ ଖାଦ୍ୟ ଖାଇବା ତଥା କ୍ଷୀର ପିଇବାରେ ବେଶ୍ ଆଗ୍ରହ ରଖିଥାନ୍ତି ରାମବାଈ।

**✲ଶୁଟର ଦାଦି ଓ ରିଭଲଭର୍ ଦାଦି:** ଉତ୍ତରପ୍ରଦେଶରେ ଦୁଇଜଣ ବୃଦ୍ଧାଙ୍କୁ ଶୁଟର ଦାଦି ଓ ରିଭଲଭର୍ ଦାଦି ବୋଲି କୁହାଯାଇଥାଏ। କିନ୍ତୁ ପ୍ରକୃତରେ ସେମାନଙ୍କର ନାମ ହେଉଛି ଚନ୍ଦ୍ରୋ ତୋମାର ଓ ପ୍ରକାଶୀ ତୋମାର। ସମ୍ପର୍କରେ ସେମାନେ ଦୁଇ ଯାଆ। ଚନ୍ଦ୍ରୋ ଓ ପ୍ରକାଶୀଙ୍କର ଅଧା ଜୀବନ ଗୃହିଣୀ ଭାବେ ଘର ସମ୍ଭାଳିବାରେ ବିତିଗଲା। ଘର ଓ କ୍ଷେତ କାମ କରିବା, ପିଲାଙ୍କ କଥା ବୁଝିବା, ପରିବାରର ସବୁ ଦାୟିତ୍ୱ ସମ୍ଭାଳିବା ଏହି ସବୁ ଥିରେ ସେମାନଙ୍କର ସମୟ ବିତିଯାଉଥିଲା। ହେଲେ ହଠାତ୍ ତାଙ୍କ ଜୀବନରେ ପରିବର୍ତ୍ତନ ଆସିଲା ଆଉ ସେମାନେ ଘରୁ ବାହାରି ଏକ ନୂଆ ଦୁନିଆରେ ପାଦ ଦେଲେ। ଥରେ ସୁଯୋଗ ପାଇ ଘର ପାଖ ଜୋହରୀ ରାଇଫଲ୍ କ୍ଲବକୁ ନାତୁଣୀ ଓ ଝିଅକୁ ଶୁଟିଂ ଶିଖାଇବାକୁ ନେଉ ନେଉ ସେମାନଙ୍କ ମନୋବଳ ବଢାଇବା ପାଇଁ ଚନ୍ଦ୍ରୋ ଓ ପ୍ରକାଶୀ ହାତରେ ରିଭଲ୍‌ଭର୍ ଧରି ଫାୟାରିଂ କରିବାରୁ ତାଙ୍କ ନିଶାନା ଲକ୍ଷ୍ୟସ୍ଥଳରେ ଯାଇ ବାଜିଗଲା। ସେମାଙ୍କର ନିଶାନାବାଜ୍‌କୁ ଦେଖି ଉକ୍ତ କ୍ଲବର କୋଚ୍ ସେମାନଙ୍କୁ କ୍ଲବ ଜଏନ୍ କରିବା ପାଇଁ ପରାମର୍ଶ ଦେଲେ। କ୍ଲବ ଜଏନ୍ କରିବା କଥା ଘରେ କହିବାରୁ ଘରେ ତାଙ୍କୁ କେହି ବି ପ୍ରୋତ୍ସାହନ ଦେଲେ ନାହିଁ। ଶେଷରେ ବାଧ୍ୟ ହୋଇ ନାତୁଣୀ ଓ ଝିଅର ଭବିଷ୍ୟତ ଗଢିବା ପାଇଁ ସେମାନେ ଲୁଚିଲୁଚି କ୍ଲବ୍‌କୁ ଯାଇ ନିଶାନାବାଜ୍‌ର ଟ୍ରେନିଂ ନେଲେ। ପ୍ରଥମେ ପ୍ରଥମେ ଦେଖଣାହାରୀ ସେମାନଙ୍କୁ ପରିହାସ କରୁଥିଲେ। କିନ୍ତୁ ସମସ୍ତଙ୍କର ମୁହଁ ସେହି ଦିନ ବନ୍ଦ ହୋଇଯାଇଥିଲା, ଯେଉଁଦିନ ଶୁଟର୍ ଦାଦି ଓ ରିଭଲଭର୍ ଦାଦି ଏକ ବଡ଼ ନିଶାନାବାଜ୍ କମ୍ପିଟିଶନ୍‌ରେ ତତ୍କାଳୀନ ଦିଲ୍ଲୀ ପୋଲିସ୍ ଡିଆଇଜିଙ୍କୁ ଶୁଟିଂରେ ପଛରେ ପକାଇ ବିଜେତା ହୋଇଥିଲେ। ତା'ପରଠୁ ଏହି ଶୁଟର୍ ଓ ରିଭଲ୍‌ଭର୍ ଦାଦି ଦୁଇଜଣ ଅନେକ ପ୍ରତିଯୋଗିତାରେ ଭାଗ ନେଇ ଆୱାର୍ଡ ପାଇବା ସହ ଦକ୍ଷ ସାର୍ପଶୁଟର ଭାବେ ବହୁ ଲୋକପ୍ରିୟତା ମଧ୍ୟ ହାସଲ କଲେ। କେବଳ ସେତିକି ନୁହେଁ, ଏହି ଦୁଇଜଣ ଦାଦିଙ୍କ ଜୀବନିକୁ ନେଇ ପରେ 'ଷାଣ୍ଡ କି ଆଁଖ' ନାମରେ ଏକ ବାୟୋଗ୍ରାଫିକାଲ୍ ଫିଲ୍ମ ମଧ୍ୟ ହେଲା। କିନ୍ତୁ ଦୁଃଖର ବିଷୟ ୨୦୨୧ କରୋନା ସମୟରେ ଚନ୍ଦ୍ରୋ ତୋମାରଙ୍କର ମୃତ୍ୟୁ ହୋଇଗଲା ଆଉ ନିଜ ଯାଆଙ୍କୁ ହରାଇ ପ୍ରକାଶୀ ଦୁଃଖି ଥିଲେ ବି ପିଲାମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ସେମିତି ସେମାନଙ୍କ ମନୋବଳ ବଢାଇ ଚାଲିଛନ୍ତି।

କେବଳ ଏମାନେ ନୁହନ୍ତି, ଏହିପରି ଆହୁରି ବି କେତେଜଣ ବୟୋଜ୍ୟେଷ୍ଠ ମହିଳା ଅଛନ୍ତି, ଯେଉଁମାନେ ପରିଣତ ବୟସରେ ଏମିତି କିଛି କାମ କରୁଛନ୍ତି, ଯାହାକି ତାଙ୍କୁ ସମାଜରେ ଭିନ୍ନ ପରିଚିତି ଦେବା ସହ ସୁପର୍ ଦାଦିର ଆଖ୍ୟା ଦେଉଛି।

*–ଅନ୍ୱିତା ମିଶ୍ର*



ପ୍ରକାଶୀ ଓ ଚନ୍ଦ୍ରୋ ତୋମାର





# ପଥପ୍ରାନ୍ତେ ଭାଗ୍ୟ ଭବିଷ୍ୟତ

**ରା**ଜଧାନୀ ଭୁବନେଶ୍ୱର। ପିଏମ୍‌ଜି ଅଫିସ ଛକ ସମ୍ମୁଖରୁ ଇନ୍ଦିରା ଗାନ୍ଧୀ ପାର୍କ ରାସ୍ତାକଡ଼ରେ ବସିଥାନ୍ତି ଜଣେ ୪୭ ବର୍ଷୀୟ ବ୍ୟକ୍ତି। ପାଖରେ ରଖିଥାନ୍ତି କେତୋଟି ପାଞ୍ଜି । ତାଙ୍କ ପାଖରେ ବସିଥିବା ଜଣେ ବ୍ୟକ୍ତିଙ୍କ ହାତ ଦେଖି କହୁଥାନ୍ତି–ଆପଣ ଜଣେ ପରୋପକାରୀ, ଜ୍ଞାନୀ, ସାହସୀ, ବୁଦ୍ଧିମାନ୍, ଖୁବ୍ ସୁନାମ ଅର୍ଜନ କରିବେ। କିନ୍ତୁ ଯାନବାହନ ଚଳାଇବାରେ ଟିକେ ସତର୍କ ରହିବେ, କିଛି ଆର୍ଥିକ ଜରିମାନା ଓ ରାଜଦଣ୍ଡର ସମ୍ଭାବନା ରହିଛି। ବ୍ୟକ୍ତି ଜଣକ ବ୍ୟସ୍ତ ହୋଇ ପୁଣି ପଚାରୁଥିଲେ କ’ଣ ପ୍ରତିକାର କରି ହେବ ଆଜ୍ଞା ? ସେ ପ୍ରତିକାର ବି କହୁଥିଲେ। ତାଙ୍କ କଥାଶୁଣି ଭାରି କୌତୁହଳ ଲାଗିଲା। ଅପେକ୍ଷା କଲି ବ୍ୟକ୍ତିଜଣଙ୍କ ଯିବାପରେ କଥା ହୋଇ ଜାଣିବି କ’ଣ ସତ୍ୟତା ଅଛି। ମୋ ପରିଚୟ ଦେଇ ପଚାରିଲି ତାଙ୍କ କଥା। ସେ କହିଲେ ମୋ ଘର ଯାଜପୁର ଅଞ୍ଚଳରେ। ପ୍ରାୟ ୨୦ବର୍ଷ ଧରି ଭୁବନେଶ୍ୱରରେ ଚଳୁଛି। ପାଞ୍ଜିକାମ ମୋର ବୃତ୍ତି । ପେଟ ପାଇଁ ସବୁ ନାଟ। କିଛି ଲୋକ ମୋ କଥାରେ ବିଶ୍ୱାସ କରି କିଛି ଟଙ୍କା ଦେଉଛନ୍ତି। ଆଉ କିଛି ଲୋକ ସିଧା ମୁହଁରେ ମନା କରି ପଳାଉଛନ୍ତି। ଗାଳି କରି କହୁଛନ୍ତି ମିଛ କଥାଗୁଡାକ କହୁଛ। କ’ଣ କରିବି ? ସବୁଦିନ ତ ରୋଜଗାର ହେଉନି। ବେଳେବେଳେ ମୋର ଭଲ ଗ୍ରାହକ ଜୁଟିଗଲେ। କିଛି ପଇସା ହୋଇ ଯାଉଛି। ଭାବୁଛି ଏ ଧନ୍ଦା ଛାଡ଼ି ଆଉ କିଛି କାମ କରିବି। ହେଲେ ଏ ଧନ୍ଦା ମୁଁ ଛାଡ଼ି ପାରୁନି।

**ଘଟଣା–୨** ନ’ତାଲା ଅଫିସ ଗେଟ୍ ସମ୍ମୁଖ ରୋଡ୍ କଡ଼ରେ ଜଣେ ବ୍ୟକ୍ତି । ତାଙ୍କ ପାଖରେ ଜଣେ ବ୍ୟକ୍ତି ପହଞ୍ଚି ସମସ୍ୟା ପଚାରିବା ପରେ ସେ ପାଞ୍ଜି ଗଣନାକରି କହିଲେ ସବୁ ସମସ୍ୟା ଦୂର ହୋଇପାରିବ । କିନ୍ତୁ ଏଥିପାଇଁ କିଛି ଯନ୍ତ୍ର ଏବଂ ମୁଦ୍ରିକା ନେବାକୁ ପଡ଼ିବ । ବେଶି ନୁହେଁ ୫ଶହରୁ ୧ହଜାର ଟଙ୍କା ଦେବାକୁ ପଡ଼ିବ। ଯଦି ପାଖରେ ସେତିକି ଟଙ୍କା ନାହିଁ ତେବେ ଶହେ ଟଙ୍କା ଦେବେ। ଏହି ସମୟରେ ଏଠାରେ ଜଣେ ବୃଦ୍ଧ ଆସି ପହଞ୍ଚିଥିଲେ। ସେ ତାଙ୍କର କିଛି ସମସ୍ୟା ବିଷୟରେ କହିଲେ । ଏଠାରୁ ଏକ ମୁଦ୍ରିକା ଓ ଗ୍ରହ ପଥର କିଣିନେଲେ। ଏହି ମୁଦ୍ରିକାଟିକୁ ନେବା ପୂର୍ବରୁ ଭବିଷ୍ୟକାର ବୋଲାଉଥିବା ବ୍ୟକ୍ତି ଜଣକ ମୁଦ୍ରିକାରେ ଧୂପକାଠି ବୁଲାଇ ନମସ୍କାର କରି ଫିସ୍‌ଫିସ୍ କରି କିଛି କହି ଗରାଖଙ୍କୁ ମୁଦିଟିକୁ ବଢ଼ାଇ ଦେଲେ। ତାଙ୍କୁ ତାଙ୍କୁ ଯେତେବେଳେ ପରିଚୟ ପଚାରିଲି ସେ କହିଲେ ସେଥିରୁ କ’ଣ ମିଳିବ ଆଜ୍ଞା ! ପେଟ ପୋଷ ନାହିଁ ଦୋଷ। ଘର ଚଳିବାରେ ଅର୍ଥର ଅଭାବ । ସେଥିପାଇଁ ଲୋକଙ୍କ ମନରେ ବିଶ୍ୱାସ ସୃଷ୍ଟିକରି ଦିପଇସା ରୋଜଗାର କରୁଛି। ଏହି ସମୟରେ ଜଣେ ଯୁବକ ଏଠାକୁ ଆସି ତାଙ୍କ ସମସ୍ୟା କହିବାରୁ ସେ କହିଲେ, ସ୍ତ୍ରୀଙ୍କ ପ୍ରତି ଅବହେଳାରୁ କଳହ ଦେଖାଦେଉଛି। ସମାଧାନର ପନ୍ଥା ରହିଛି। ୧ ହଜାର ଟଙ୍କା ଦେବାକୁ ହେବ। ଏକଥା ଶୁଣି ଯୁବକ ଜଣକ କହିଲେ ଏ ଯାଏ ଅବିବାହିତ ରହିଛି । ଘରେ କେତେବେଳେ ମୋର ସ୍ତ୍ରୀକୁ ଅବହେଳା ହେଲା। ଏହାପରେ ଦୁହିଁଙ୍କ ଭିତରେ ଯୁକ୍ତି ତର୍କ ଚାଲିଲା।








**ଘଟଣା–୩:**ଖୋର୍ଦ୍ଧା ଜିଲାର ବାଲୁଗାଁ ବଜାରରୁ –ଚିଲିକା ରୋଡ୍‌ରେ ଯିବାବେଳେ ନଜର ପଡ଼ିବ ଖୋର୍ଦ୍ଧା କେନ୍ଦ୍ର କୋ–ଅପରେଟିଭ ବ୍ୟାଙ୍କ ବାଲୁଗାଁ ଶାଖା ସମ୍ମୁଖ ରାସ୍ତାକଡ଼ରେ ଗୋଟିଏ ପଞ୍ଜୁରୀ ଭିତରେ ଶୁଆଟିଏ ରଖି ବସିଥାନ୍ତି ଜଣେ ବ୍ୟକ୍ତି । ପାଖରେ ରହିଥାଏ କେତୋଟି ଖାମ୍। ତାଙ୍କର ପରିଚୟ ବୁଝିବାରେ ସେ କୁହନ୍ତି, ଗଞ୍ଜାମ ବ୍ରହ୍ମପୁର ଅଞ୍ଚଳରେ ଆମ ଘର। ମୋ ନାଁ ରାମ ପାତ୍ର । ଆଜକୁ ପ୍ରାୟ ୩୦ବର୍ଷ ଧରି ବାଲୁଗାଁ ଅଞ୍ଚଳରେ ରହୁଛି। ଶୁଆ ପାଞ୍ଜି କାମ କରିଆସୁଛି। ଶୁଆକୁ ଏଥିପାଇଁ ପ୍ରାୟ ୨ବର୍ଷ ଧରି ତାଲିମ ଦେଇଛି। ତା’ ପରେ ବିଭିନ୍ନ ଦେବଦେବୀ ଓ ଗ୍ରହ ରାଶିଙ୍କ ନାମ ସମ୍ପର୍କରେ କେତେକ ଲେଖାକୁ ଏକ ଛୋଟ ଛୋଟ ଖାମ ଭିତରେ ସାଇତିକରି ରଖିଥାଏ। ଗରାଖ ଆସିଲେ ଏଠାରେ ୨୦ଟଙ୍କା ରଖିଲେ ଶୁଆ ପଞ୍ଜୁରି ଭିତରୁ ବାହାରି ଆସିଥାଏ। ତା’ପରେ ସାଇତା ହୋଇ ରଖାଯାଇଥିବା ଖାମ୍ ମଧ୍ୟରୁ ଯେଉଁ ଖାମ୍‌ଟିକୁ ବାହାରକରେ । ସେହି ଖାମ୍‌ର ଲେଖାକୁ ପଢ଼ି ଗରାଖଙ୍କୁ କହିଥାଏ । ଅବଶ୍ୟ ଏଥିରେ ଟିକେ ବାକ୍‌ଚାତୁରି ଦରକାର। କିଛି ନ ହେଲେ ତ ଲୋକଙ୍କ ମନରେ ଖୁସି ଲାଗିଲା ପରି କିଛି କହିବାକୁ ହୁଏ । ଗରାଖ ଖୁସି ହୋଇ ଶୁଆ ପ୍ରତି ବିଶ୍ୱାସ ଥିବାରୁ ଅର୍ଥଦାନ କରିଥାନ୍ତି। ଶୁଆ ପାଞ୍ଜିରେ ମୋର ପରିବାର ଚଳୁଛି।

ଏ ଘଟଣା ଦିନେ କି ଦୁଇଦିନର ନୁହେଁ, ବର୍ଷର ବିଭିନ୍ନ ସମୟରେ ଏମାନଙ୍କୁ ଦେଖିବାକୁ ମିଳେ କେତେକ ନିର୍ଦ୍ଦିଷ୍ଟ ସ୍ଥାନରେ। ଲୋକମାନେ ତାଙ୍କ୍ ପାଖକୁ ଯାନ୍ତି ନିଜ ଭାଗ୍ୟ ଭବିଷ୍ୟତ ବିଷୟରେ ବୁଝନ୍ତି, କେବେ ବିଶ୍ୱାସ ଆସିଲେ କିଛି ପାରିଶ୍ରମିକ ଦିଅନ୍ତି ନାହିଁ ତ, ଗାଳି ଗୁଲଜ୍ କରି ଫେରି ଆସନ୍ତି। କିଛି ସାମାନ୍ୟ ଅର୍ଥ ପାଇଁ ଖରାବର୍ଷାରେ ବସି ରହୁଥିବା ଏହି ଜ୍ୟୋତିଷମାନଙ୍କ ଉପରେ କିଛି ଲୋକ ବିଶ୍ୱାସ କରି ଯାଉଥିବା ବେଳେ, କିଛି ଲୋକ କେବଳ ମଜା ନେବା ପାଇଁ ଯାନ୍ତି । ଆଉ ଏଇଥିରେ ଚଳେ ଏହି ତଥାକଥିତ ଏହି ଭବିଷ୍ୟବକ୍ତାଙ୍କ ପରିବାର।

**–ବନବିହାରୀ**





# ବାପା ମୋର ପ୍ରଥମ ଗୁରୁ



**ତାଙ୍କ ବାପାଙ୍କର ନାଟକ ପ୍ରତି ଥିବା ଦୁର୍ବଳତା ପରବର୍ତ୍ତୀ ସମୟରେ ଜିତେନ୍ଦ୍ର ପଟ୍ଟନାୟକଙ୍କୁ କଳାଭିମୁଖୀ କରିଥିଲା। ଆଜି ନିର୍ଦ୍ଦେଶନା ଓ ଅଭିନୟ କ୍ଷେତ୍ରରେ ସେ ଯେଉଁଠି ପହଞ୍ଚିଛନ୍ତି ସେଥିପାଇଁ ତାଙ୍କ ବାପାଙ୍କ ଭୂମିକା ଅଧିକ ଓ ତାଙ୍କୁ ହିଁ ସେ ପ୍ରଥମ ଗୁରୁ ବୋଲି ଭାବନ୍ତି।**

ଦୀର୍ଘ ୪ ଦଶନ୍ଧିରୁ ଅଧିକ ହେବ ସେ ଏକାଧିକ ମଞ୍ଚନାଟକ, ଟିଭି ଧାରାବାହିକ ଓ ସିନେମାରେ ନିର୍ଦ୍ଦେଶନା ଦେବା ସହିତ ବହୁ ନାଟକରେ ଅଭିନୟ କରିସାରିଛନ୍ତି। ଯେଉଁଥିପାଇଁ ତାଙ୍କୁ ମିଳିଛି ଅନେକ ସମ୍ମାନ ଓ ପୁରସ୍କାର। ସେ ହେଲେ **ଜିତେନ୍ଦ୍ର ପଟ୍ଟନାୟକ**। ଜନ୍ମ ୨୮. ୫.୧୯୬୩ ମସିହାରେ। ପିତା ରବୀନ୍ଦ୍ର ପଟ୍ଟନାୟକ, ମା' ବିଷ୍ଣୁପ୍ରିୟା ପଟ୍ଟନାୟକ। ରହୁଛନ୍ତି ଖୋର୍ଦ୍ଧା ଜିଲାର ପଲା ବରୁଣେଇ ସାହିରେ। ଜିତେନ୍ଦ୍ର କୁହନ୍ତି, 'ମୋ ବାପା ଜଣେ ପୋଲିସ ଅଫିସର ହୋଇଥିଲେ ମଧ୍ୟ ଅବସର ସମୟରେ ବିଭିନ୍ନ ମଞ୍ଚନାଟକରେ ଅଭିନୟ ଏବଂ ନିର୍ଦ୍ଦେଶନା ଦେବା ତାଙ୍କର ସଉକ ଥିଲା। ବାପାଙ୍କ ପାଇଁ ମୋ ଭିତରେ ନାଟକ ପ୍ରତି ଆଗ୍ରହ ସୃଷ୍ଟି ହେଲା। ସେତେବେଳେ ଆମ ଗାଁ ଦଧିମାଛଗାଡ଼ିଆରେ କେତେଜଣ ସାଙ୍ଗ ଏକାଠି ହୋଇ ଏକ ଗୀତିନାଟ୍ୟରେ ଅଭିନୟ କରୁଥିଲୁ। ପ୍ରାଣନାଥ ମହାବିଦ୍ୟାଳୟ, ଖୋର୍ଦ୍ଧାରେ ବିଏ ପଢିବା ସମୟରେ ଯାଆଁଳାରେ ଗଢ଼ିଉଠିଥିବା ବ୍ରଜସୁନ୍ଦର କଳାସଂସଦ ନାଟ୍ୟ ଅନୁଷ୍ଠାନରେ ଯୋଗଦେଇ ଅଭିନୟ କରିଥିଲି। ସେତେବେଳେ ଜାଣିଲି ଯେ ନାଟକ ବିଷୟରେ ବି ପଢ଼ା ହୁଏ । ସେଥିପାଇଁ ୧୯୮୫ ମସିହାରେ ଉତ୍କଳ ସଂଗୀତ ମହାବିଦ୍ୟାଳୟ ନାଟକ ବିଭାଗରେ ନାମ ଲେଖିଲି। ଏଠାରେ ନାଟକ ନିର୍ଦ୍ଦେଶନା ଦେବା ପାଇଁ ପିଜି ସାରିଲି। ସେବେଠାରୁ ଆଉ ପଛକୁ ଫେରିନାହିଁ। ସଙ୍ଗୀତ ମହାବିଦ୍ୟାଳୟରେ ପଢ଼ିଲାବେଳେ ଗୁରୁ ଭାବେ ଅଜିତ୍ ଦାସ, ବିଜୟ ମହାନ୍ତି, ନବୀନ ପରିଡ଼ା ପ୍ରମୁଖଙ୍କଠାରୁ ଅଭିନୟ ଶିକ୍ଷା ପାଇଛି। ସେତେବେଳେ ଅନ୍ୟମାନଙ୍କ ମଧ୍ୟରେ ମୋ ସାଥିରେ ପଢୁଥିଲେ ସିନେକଳାକାର ରାଇମୋହନ ପରିଡ଼ା, ଅମିୟ ମହାରଣା, ଚୌଧୁରୀ ଜୟପ୍ରକାଶ ଦାସ, ଶ୍ରୀମନ୍ତ ମହାନ୍ତି, ଶତ୍ରୁଘନ ସାମଲ । ନାଟକ ଶିକ୍ଷା ପରେ ପ୍ରଥମେ ୧୯୯୨ରେ 'ମୋ କାହ୍ନୁରେ' ଓଡ଼ିଆ ଚଳଚ୍ଚିତ୍ରରେ ସିନେ ତାରକା ବିଜୟ ମହାନ୍ତି ଅଭିନେତା ଥିବା ବେଳେ ଏଥିରେ ସହ –ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଥିଲି। ସମୟକ୍ରମେ ଯୁଗନାୟକ ଏକ ହିନ୍ଦୀ ସିରିଏଲ, ଗଙ୍ଗଶିଉଳି ଫିଚର ସିନେମା, ବୋଉ, ଗାରେ ସିନ୍ଦୂର ଧାରେ ଲୁହ, ପୁଅ ମୋର ଜଗତଜିତା, ତୁମରି ପାଇଁ, ପ୍ରାୟଶ୍ଚିତ୍ତ ଆଦିରେ ନିର୍ଦ୍ଦେଶକ, ଆଖି ପଲକରେ ତୁ , ଭୁଲ୍ ବୁଝିବନି ମୋତେ, ପହିଲି ରଜ ଏବଂ ସମ୍ଭାବନା, ସ୍ୱୀକୃତି' ଆଦି ଡକ୍ୟୁମେଣ୍ଟାରି ଫିଲ୍ମରେ ସ୍କ୍ରିପ୍ଟ ଏବଂ ନିର୍ଦ୍ଦେଶନା ଦେଇଛି। ସେପରି ଏକ ତ୍ରିଭାଷୀ ଫିଲ୍ମ 'ରାଜାରାଣୀ'ରେ କାର୍ଯ୍ୟ କରିଛି। ବନ୍ଦେ ମାତରଂ, ଅଶାନ୍ତ, ଔରଙ୍ଗଜେବ, ଶୂନ୍ୟପଞ୍ଜୁରୀ ଆଦି କେତେ ମଞ୍ଚ ନାଟକରେ ନିର୍ଦ୍ଦେଶନା ଦେଇଛି। ଭାତ, ମୁଠାଏ ମାଟି, ଅନ୍ଧଯୁଗ, କୁନ୍ତଳା ନୁହେଁ ଶକୁନ୍ତଳା, ସୂର୍ଯ୍ୟୋଦୟ ପଥେ ନାଟକରେ ଅଭିନୟ କରିଥିଲି। ଏମିତିରେ ପ୍ରାୟ ୧୨ଟି ସିନେମା, ୪ଟି ସିରିଏଲ, ଏକାଧିକ ମଞ୍ଚ ଓ ମୁକ୍ତ ମଞ୍ଚ ନାଟକରେ ନିର୍ଦ୍ଦେଶନା ଦେଇସାରିଛି। ସଂଗୀତ ନାଟକ ଏକାଡେମୀ ଦ୍ୱାରା କର୍ମଶାଳାଭିତ୍ତିକ ନାଟକ ଶହୀଦ ଭଗତ୍ ସିଂ, ଶହୀଦ ରଘୁ ଦିବାକର, ଶେଷରେ ଧରମା କହିଲା, ଶାଗୁଣା ଆଦି ଶିଶୁ ନାଟକରେ ନିର୍ଦ୍ଦେଶନା ଦେଇଛି। ଏହାବାଦ୍ ଶିଶୁ ଶ୍ରମିକ ଉଚ୍ଛେଦ ଓ ଶିଶୁ ସୁରକ୍ଷା ଅଧିକାର, ରେଡ୍ ରିବନ, ସ୍କୁଲ ଶିକ୍ଷା ଅଧିକାର ଏବଂ ଗ୍ରାମୀଣଭାରତ ବିକାଶ ନିମନ୍ତେ ପଞ୍ଚାୟତ ବିଭାଗ ଦ୍ୱାରା ପ୍ରାୟୋଜିତ କାର୍ଯ୍ୟକ୍ରମ ସମ୍ପର୍କିତ କେତେକ ଫିଚର ସିନେମାରେ ବି ନିର୍ଦ୍ଦେଶନା ଦେଇଛି। ନାଟ୍ୟ ନିର୍ଦ୍ଦେଶକ ଭାବେ ମୁଁ ବିଭିନ୍ନ ସ୍ଥାନରୁ ସ୍ୱୀକୃତି ପାଇବା ସହ ସମ୍ମାନିତ ହୋଇଛି। ଯାହାମଧ୍ୟରେ ଇଣ୍ଟରନ୍ୟାଶନାଲ ଥିଏଟର, ଜାତୀୟ ସେବା ଯୋଜନା ଉତ୍କଳ ବିଶ୍ୱବିଦ୍ୟାଳୟ, ଗାଁ ଲୋକକଳା ଉତ୍ସବ ଏବଂ ମାନବଜୀବନ ବିକାଶ ସମିତି ମଧ୍ୟପ୍ରଦେଶ, ସେଣ୍ଟର ଫର ଏକ୍ସପେରିଏନ୍ସ ଅନ୍ ସୋସିଓ କଲ୍ଚରାଲ ଇଣ୍ଟର ଆକ୍ସନ– ମଦୁରାଇ ଆଦି ଅନ୍ତର୍ଭୁକ୍ତ। ଅନେକ ଫିଚର ଫିଲ୍ମ ଓ ଡକ୍ୟୁମେଣ୍ଟାରି ସିନେମା କରିବାର ମଧ୍ୟ ଅନୁଭୂତି ରହିଛି। ସେମିତି ଏକ ଅନୁଭୂତି ସମ୍ପର୍କରେ ଜିତେନ୍ଦ୍ର କୁହନ୍ତି, 'ଝୁମୁକାଠାରେ ଆଳୟ ମହାନ୍ତିଙ୍କ 'ଭୁଲ ବୁଝିବନି ମୋତେ' ଓଡ଼ିଆ ଚଳଚ୍ଚିତ୍ରର ମୁଖ୍ୟ ସହ ନିର୍ଦ୍ଦେଶକ ଭାବେ










କାର୍ଯ୍ୟ କରୁଥିବା ବେଳେ କିଛି ପୋଷାକ ପିନ୍ଧାକୁ ନେଇ ଜଣେ ଅଭିନେତାଙ୍କ ସହିତ ମତାନ୍ତର ହୋଇଥିଲା। ସେ ମୋତେ ଆକ୍ରମଣ କରିବାକୁ ଆସିଥିବାରୁ ସେଠାରେ ଶୁଟିଂ ୟୁନିଟ୍‌ର ସମସ୍ତ ସଦସ୍ୟ ସେଦିନ ଶୁଟିଂକୁ ବନ୍ଦ କରିବା ପାଇଁ ଯୋଜନା କରିଥିଲେ ମାତ୍ର ଆଳୟ ମହାନ୍ତିଙ୍କ ହସ୍ତକ୍ଷେପ ଯୋଗୁ ଘଟଣାର ଉତ୍ତମ ବୁଝାମଣା ହୋଇଥିଲା। ଆଉ ଗୋଟିଏ କଥା ମନେପଡୁଛି ଥରେ 'ଜଙ୍ଗଲ ଓ ଜୀବନ' ଏକ ପଥପ୍ରାନ୍ତ ନାଟକ ପରିବେଷଣ ପାଇଁ ଏକ ଆଦିବାସୀ ଅଞ୍ଚଳକୁ ଯାଉଥିବା ମୋଟର ଭ୍ୟାନ୍‌ଟି କଳିଙ୍ଗା ଘାଟିଠାରେ କୌଣସି କାରଣରୁ ଅଚଳ ହୋଇପଡ଼ିଥିଲା। ସେତେବେଳକୁ ବେଳ ବୁଡ଼ି ରାତି ହୋଇଆସୁଥାଏ। ୧୫ ଜଣ କଳାକାର ସେହି ରାତି ଭୋକଉପାସରେ ରହିଥିଲୁ । କିନ୍ତୁ ସେହି ଅନ୍ଧାର ରାତିରେ ଦୂର ଦିଗନ୍ତରେ ଏକ ଆଲୁଅ ଜଳୁଥିବାର ଦେଖି ଦୁଇଜଣ କଳାକାର ବନ୍ଧୁ କିଛିଦୂର ଯାଇ ଏକ ଆଦିବାସୀ ପଡ଼ାରେ ପହଞ୍ଚି ସେଠାରୁ କିଛି ମୁଢି ଆଣିଥିଲେ। ସମସ୍ତେ ସେହି ମୁଢିକୁ ବାଣ୍ଟି ଖାଇଥିଲୁ । ସକାଳ ହେବାରୁ ଗୋଟିଏ ଅନୁଷ୍ଠାନର କେତେଜଣ ସଦସ୍ୟ ଓ ତାଙ୍କ ସାଥିରେ ଗାଡ଼ି ମେକାନିକ୍ ଆସି ଗାଡ଼ି ମରାମତି କରିବାରେ ପରେ ସେଦିନ ସେଠାରୁ ଫେରିଥିଲୁ। ପରବର୍ତ୍ତୀ ସମୟରେ ଏହି ଘଟଣାକୁ ନେଇ ଏକ ନାଟକରେ ନିର୍ଦ୍ଦେଶନା ଦେଇଥିଲି। ପ୍ରକୃତରେ ବିଭିନ୍ନ ପରିସ୍ଥିତି ହିଁ ନାଟ୍ୟ ନିର୍ଦ୍ଦେଶନା ପାଇଁ ଏକ ଶିକ୍ଷା ହୋଇଥାଏ।

–ବନବିହାରୀ ବେହେରା







# ମହାନିଦ୍ରା

**ଡ. ଭବାନୀ ଶଙ୍କର ଦାଶ**

ଏବେ ବି ମୁଁ ଜାଣିପାରୁ ନାହିଁ
ମୁଣ୍ଡରଖି ଶୋଇଛି ମୁଁ
କାହାର କୋଳରେ
ଖୁବ୍ ଆଦରରେ
ଅନ୍ତରଙ୍ଗ ଓ ଅଭଙ୍ଗ ନିବିଡ଼ତାରେ ।
ତମେ କିଏ ? ବାରମ୍ବାର କାଇଁକି ଆସୁଛ ?
କୋଳପାତି ମତେ ଶୁଆଉଛ ।
ଜନ୍ମ ଜନ୍ମ ଧରି ଚିତ୍କାରି
ଖୋଜୁଛି ମୁଁ ତୁମ ନାଁ
ପଚାରି ପଚାରି ଏଠିସେଠି
ଜୀବନକୁ ବିଦାରି ବିଦାରି ।
ତୁମର ସୋହାଗ
ଏମିତି କି ଚହଟା ମହକ
କେବଳ ଭାବିଦେଲେଇଁ
ମଲ୍ଲୀଫୁଲ ଫୁଟି ଲୋଟେ
ବାସ୍ନାହୁଏ ସାରା ଚତୁର୍ଦ୍ଦଶ ଲୋକ ।
ସତରେ ତମେ କିଏ ?
ଆଖି ବୁଜିଲେ ଦେଖାଦିଅ ନା
ତୁମେ ଦେଖାଦେଲେ ମୋର
ଆଖି ଆପେ ଆପେ
ବନ୍ଦ ହୋଇଯାଏ ।
ଏମିତିକା ସବୁବେଳେ ଆସ
ମୋ ଆଖି ଭୋଗି ନ ଥିବା ନିଦ
ମୋ ନିଦ ଦେଖି ନ ଥିବା ସ୍ୱପ୍ନ
ଓ ମୋର ନିଃଶ୍ୱାସ
ଯା' ଉପରେ ନାହିଁ ତ ବିଶ୍ୱାସ
କାଇଁକିନା ଋତୁମାନେ ଏଠି
ଋତୁମତୀ ହେଲାମାତ୍ରେ ପରା
ଆତ୍ମହତ୍ୟା କରୁଛନ୍ତି
ଫୁଲଙ୍କର ଅମର ସୁବାସ ।
ତା'ପରେ କାଳକାଳ ବିତିଯିବ
ତୁମରି କୋଳରେ
ଲୁହ ବି ଚିହ୍ନିପାରିବନି ଆଖିକୁ
କେବେ ତ
ରାସ୍ତା ଭୁଲିସାରିଥିବ
କଥୁକୀର ପାଦ
କାରଣ ଏ ପ୍ରେମ ତ ଦୂରରୁ ଦୂରରୁ,
ମୁଁ କିନ୍ତୁ ତୁମ ମୁହଁ
ଦେଖିବା ଇଚ୍ଛାରେ
ଉଠିବିନି କେବେ ବି ନିଦରୁ ।

*–ସରାଟ ଶାସନ, ବାଲିପାଟଣା, ଖୋର୍ଦ୍ଧା*
*ମୋ: ୮୯୧୭୬୨୪୩୮୬*

# ଆଖି

**– ସୁଚିତ୍ରା ମିଶ୍ର**

ଆଖି କଥା କହେ। କେତେବେଳେ ଜୀବନର କଥା ତ କେବେ ଯନ୍ତ୍ରଣାର। ଯେତେ ମଣିଷ ସେତେ ଦୃଷ୍ଟି। ଆଖିରେ ଥାଏ ମଣିଷ ଚରିତ୍ରର ପ୍ରତିବିମ୍ବ। ଆଖି ଦେଖେ ପୁଣି କହେ ସେଇସବୁ କଥା। ସ୍ନେହ, ପ୍ରେମ ଓ ଭଲପାଇବାର କଥା। କେବେ ପୁଣି ସେଇ ଦୃଷ୍ଟି ଭାଙ୍ଗିରୁଜି ଛାରଖାର କରିଦିଏ ସବୁ କିଛି। ଗୋଟିଏ ଆଖି, ଅନେକ ଦୃଷ୍ଟି।

## ସ୍କେଚ୍ ୧

ଟୁଇଁ ଚଢ଼େଇ ଉଡ଼ିଆସିଲା ଫୁଲପେଣ୍ଡା ପାଖକୁ । ଟିକେ ବସିଲା, ଟିକେ ଖୁମ୍ପିଲା ସେଇ ଫୁଲକୁ । ପୁଣି ଉଡ଼ିଗଲା ପାଖ ଡାଳକୁ । ସେଇ ପତ୍ର ଠୋଲାକ ଭିତରେ ଲୁଚିଗଲା କିଛି ସମୟ। କୁନି କଳା ଥଣ୍ଟଟିଏ । ହଳଦୀ ରଙ୍ଗର ଦେହ । ମୁଁ ଖୋଜିହେଲି ତାକୁ। ଅଥୟ ହୋଇ ଆସିଲା ବେଳକୁ ଚୁଟ୍ କରି ବାହାରି ପଡ଼ିଲା ସେ। ତାର ଚିଇଁ ଚିଇଁ ଡାକ ପହଁରି ବୁଲିଲା ଚାରିଆଡ଼େ । ବାଲ୍‌କୋନିରେ ଆର୍ମ ଚେୟାରରେ ବସି ମୁଁ ତାକୁ ଚାହିଁ ରହିଥିଲି । – 'ଆପଣ ବାଲକୋନିରେ ବସୁଛନ୍ତି, ଡର ଲାଗୁନି ? କେତେ କାଉ ସେଠି ?' ମିସେସ ମହାପାତ୍ର, ମୋ ପଡ଼ୋଶୀ ଆତଙ୍କିତ ସ୍ୱରରେ ପଚାରୁଥିଲେ। – 'ଆଉ ଟୁଇଁ ଚଢ଼େଇ ? କାଉ ବି ଅଛନ୍ତି କି ଏଠି ?' ମୁଁ କେବଳ ଟୁଇଁ ଚଢ଼େଇଟିକୁ ଦେଖିପାରୁଥିଲି ସେଠି । ଶୁଣି ପାରୁଥିଲି ତାର ଚିଇଁ ଚିଇଁ ମଧୁର ସ୍ୱର । କିଛି ନକହି ହସିଥିଲି କେବଳ । ସେ ସେମିତି ପ୍ରଶ୍ନବାଚୀ ଦୃଷ୍ଟିରେ ଚାହିଁ ରହିଥିଲେ ମତେ ।

## ସ୍କେଚ ୨

ବିବାହ ପରେ ସ୍ୱାମୀର ହାତ ଧରି ପ୍ରଥମକରି ମୁମ୍ବାଇର ଲୋକାଲ ଟ୍ରେନ୍‌ରେ ଚଢ଼ିଛି ସୁଲି। ଆଉ ଅଳ୍ପ ସମୟ ପରେ ସେମାନେ ପହଞ୍ଚିଯିବେ ତାଙ୍କ ଘରେ। ନରହରି ଆଖିରେ ଖୁସି ଝଲକୁ ଥିଲା। ତା' ଦେହକୁ ଟିକେ ଲାଗିଯାଇ ଖୋଲା ଆଖିରେ ସ୍ୱପ୍ନ ଦେଖିବାକୁ ଆରମ୍ଭ କରିଦେଲା ସୁଲି। କେମିତି ହେଇଥିବ ସତରେ ତାର ସେ ଘର! ଖୋଲା ମେଲା ଛାତଟେ ଥିବ ବୋଧେ। ଡଲିଅପା ଘର ପରି ବା ସୁମିଅପା ଘର ପରି ଲମ୍ବା ଅଗଣାଟେ ଥିବ କି? ସେଇଠି ସେ ଲୁଗା ଶୁଖେଇବ । ଆଚାର ପାମ୍ପଡ ବଡି ପାରିଦେବ ।

ହେଇ ଦେଖ, ଆମ ଘର । ମୋବାଇଲ୍‌ର କୁନି ପରଦାରେ ନରହରି ଦେଖାଉଥିଲା ତାଙ୍କ ଘର । ସୁଲି ଚାହିଁଲା, ପ୍ଲାଷ୍ଟିକ ଜରିରେ କାନ୍ଥ, ଛାତ, ଦୁଆର । କେତେନା କେତେ ଘର । ଲାଗି ଲାଗି । ଯୋଡ଼ା ଯୋଡ଼ି । ଏମିତି ଅସ୍ଥାୟୀ ଘରଟେ ତ ସେ ତିଆରି କରିଛି ତା' ସାଙ୍ଗମାନଙ୍କ ସହ ଧୂଳିବାଲିର ଖେଳ ଖେଳିବା ସମୟରେ । ଏଇ ତାର ଘର ? ପୂରା ଆଖି ଲୁହରେ ଭରି ଯାଇଥିଲା । ନରହରି ଚାହିଁ ରହିଛି ତାକୁ। ଏଥର ଭଲକରି ରଗଡ଼ି ଆଖି ପୋଛିନେଲା ସୁଲି। ଚାହିଁଲା ନରହରିର ଆଖିକୁ। ଏତେ ଖୁସି, ଏତେ ଆନନ୍ଦ, ଏତେ ଭଲପାଇବା ସେ ଆଖିରେ । ଏକ ଅପୂର୍ବ ସମ୍ମୋହନ, ଅବର୍ଣ୍ଣନୀୟ ଅନୁଭବ ଖେଳେଇ ହୋଇଗଲା ସାରା ଦେହରେ, ମନରେ। ପ୍ରିୟର ଆଖିର ଡୋଳାରେ ପ୍ରେମର ନିବୁଜ ସୁରକ୍ଷିତ ଘରଟି ଭିତରେ ନିଜକୁ ହିଁ କେବଳ ଦେଖିପାରୁଥିଲା ସୁଲି। ନରହରି କହୁଥିଲା ଖୁସି ଲାଗୁଛି ନା ଆମ ଘର ଦେଖି । ଏଇଟି ତ ଫଟୋଟିଏ । ତୁ ଗଲେ ସଜାଡ଼ି ଦେବୁ ତୋ ଘରକୁ ନିଜ ହାତରେ । ସୁଲି ଭାବୁଥିଲା କହିବ କି ମୋ ଘର ତ ତୁମ ଆଖିରେ । ଲାଜେଇଗଲା । କହିପାରିନଥିଲା କିଛି ।

## ସ୍କେଚ୍ ୩

ସକାଳ ପହରୁ ଘର ଛାଡ଼ିଲାଣି ଗୁରେଇ। ଉତିଆଣି ପିଲାଟା କାଖରେ ଝୁଲିଛି। ଭୋକରେ ପେଟ ଗୁରାଣ୍ଡି ହେଲାଣି। ପିଲାଟାକୁ ବି ଭୋକ ହେଉଥିବ ଖୁବ୍ । କୁଆଡ଼େ ଯିବ ଏଯାଏଁ ଠିକ୍ କରିନି ସେ। ଦୁଃଖ, କଷ୍ଟ ଯନ୍ତ୍ରଣାରେ ଆଖି ବୁଜି ହେଇଯାଉଛି ତା'ର । ବୁଜା ଆଖିରେ ରହି ରହି ଦିଶୁଛି ସେ ଆଖି ଦି'ଟା । ଶିଆଳ ପରି ଜଳୁଥିବା ସେ ଆଖି ଦି'ଟାରେ ଏତେ ଭୋକ! ଓଃ, ବାପ ବୟସର ସେ ଲୋକଟି ତା' ପରି ଅସହାୟ ନାରୀଟିଏ ପ୍ରତି ଏମିତି ନିର୍ଦ୍ଦୟ ହେଇଗଲା କେମିତି ଯେ! ତା' ଝୁମ୍ପୁଡ଼ି ସାମ୍ନା ରେ ଏବେ ଲୋକ ଜମିଯିବେଣି । ପୋଲିସ୍ ବି ଆସିଥିବେ । ତା' ପରି ଦୁର୍ବଳିଆ ସ୍ତ୍ରୀ ଲୋକଟିଏ ଏତେ ମୋଟାସୋଟା ଲୋକଟିକୁ ... ଗୁରେଇ ତା' ଲଙ୍ଗଳା ହାତଟିକୁ ଚାହିଁଲା। ଟିକେ ଏପଟ ସେପଟ ଓଲଟାଇ ଦେଖିଲା– ରକ୍ତଦାଗ କିଛି ଲାଗିନି ତ ତା' ହାତରେ...

*– ମୁମ୍ବାଇ, ମୋ: ୯୯୩୦୮୨୭୪୮*

# ସେସବୁ ପରେ

**– ଡ. ପ୍ରଜ୍ଞା ପ୍ରବର୍ତ୍ତିକା ଦାଶ**

ସେମିତି କିଛି ସର୍ତ୍ତ ନ ଥିଲା ତୁମ ମୋ ଭିତରେ
ବିଶ୍ୱାସର ପ୍ରତିଶ୍ରୁତି ବି ନ ଥିଲା
ଥିଲା କ'ଣ ସତରେ ?
ପ୍ରେମ !
ସେତିକି କ'ଣ ଯଥେଷ୍ଟ ନ ଥିଲା ?
ଆଉ ସବୁ ନଥିବାପଣକୁ ଢାଙ୍କି ଦେବା ପାଇଁ ?
ନଥିବା ଜିନିଷକୁ ନେଇ ତ ଶୋଚନା କରାଯାଏନି
ଖୋଜା ବି ଯାଏନି ଥିବା ଲୋକର ନଥିବା ପଣକୁ
ତେବେ ଛାତି ତଳେ ରୁଗ୍ ରୁଗ୍ ହୁଏ କ'ଣ
ସବୁ କିଛି ଚାଲିଯିବାର ଶୂନ୍ୟତାକୁ ନେଇ
ବଞ୍ଚିବାର ଆୟୋଜନ ସତରେ ବଡ଼ ହାସ୍ୟାସ୍ପଦ
କେତେ ଦିନ ଆଉ କାହା ପାଇଁ ?
ଆଉ ଯାହା ମୋର ବୋଲି କହି ହେଉଥିଲା
ତା'ର ଅବର୍ତ୍ତମାନରେ ସବୁ କିଛି ନିରବ ନିରବ
ଖରାଦିନ ଦ୍ୱିପ୍ରହର ପରି ଶୂନଶାନ୍
ଏମିତି ହିଁ ଭାଙ୍ଗିବାର ଥାଏ
ସବୁଥର ସଜାଡୁ ସଜାଡୁ ଉଜୁଡ଼ିଯାଏ ବସା
ଅଥଚ କୁଟା କାଠି ଯୋଗାଡ଼ କରୁଥାଏ ପକ୍ଷୀ
ପ୍ରତିଥର ଝଡ଼ ପୂର୍ବରୁ
ଏମିତି ହିଁ ପକ୍ଷୀର ଜୀବନ
ଟୁକୁଡ଼ାଏ ଖୁସି ପୁଣି କରିଆଣେ ଦୁଃଖ ଆବାହନ ।

*– ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ,*
*ଯାଜପୁର ରୋଡ*
*ମୋ:୯୪୩୮୦୬୪୪୬୪*





ଦିବ୍ୟା

# ଚର୍ଚ୍ଚାରେ ୧୫ କି.ଗ୍ରା. ଲେହେଙ୍ଗା

ବର୍ତ୍ତମାନ ବଲିଉଡ୍‌ରେ ଏକ ଲେହେଙ୍ଗାକୁ ନେଇ ଚର୍ଚ୍ଚା। କାରଣ କ'ଣ ଜାଣନ୍ତି ? ଅସଲ କଥା ହେଲା, ନିକଟରେ ନିର୍ମାଣାଧୀନ ଫିଲ୍ମ 'ୟାରିୟାଁ ୨'ର ଏକ ଗୀତର ଶୁଟିଂ ହେଉଥାଏ। ଦିବ୍ୟା ଖୋସଲା କୁମାରଙ୍କୁ ନେଇ ପିକ୍ଚରାଇଜେଶନ କରାଯାଉଥାଏ। ଆଉ ଏହି ଗୀତରେ ସେ ଏକ ୧୫ କି.ଗ୍ରା. ଓଜନର ଲେହେଙ୍ଗା ପିନ୍ଧିଥିଲେ। କେବଳ ସେତିକି ନୁହେଁ, ହାଇ ହିଲ୍ ପିନ୍ଧିବା ସହ ହେଭି ଜୁଏଲାରୀରେ ସଜେଇ ହୋଇଥିଲେ। ତେଣୁ ସେ ବେଶ୍ କଷ୍ଟରେ ଶଟ୍ ଦେଇଥିଲେ। ଏ ସମ୍ପର୍କରେ ଦିବ୍ୟା କହନ୍ତି, 'ଯେତେବେଳେ ଏହି ଗୀତର କଷ୍ଟ୍ୟୁମ ବିଷୟରେ ମୋତେ ସୂଚନା ଦିଆଗଲା ସେତେବେଳେ ମୋର ଟେନ୍‌ସନ୍ ବଢ଼ିଯାଇଥିଲା। କାରଣ ୧୫ କି.ଗ୍ରା. ଓଜନର ଲେହେଙ୍ଗା ପିନ୍ଧି ନାଚିବା ଏତେ ସହଜ ନୁହେଁ। ତେଣୁ ଏ ନେଇ ମୁଁ କିଛି ଦିନ ପ୍ରାକ୍ଟିସ କରିଥିଲି। ଯାହା ହେଉ ସୁଟିଂ ଦିନ ବେଶୀ ଥର ମୋତେ ଟେକ୍ ଦେବାକୁ ପଡି ନ ଥିଲା।' ଏହି ଫିଲ୍ମର ଅନ୍ୟତମ ପ୍ରଯୋଜିକା ଅଛନ୍ତି ଦିବ୍ୟା। ଅଞ୍ଜଳି ମେନନଙ୍କର ବାଙ୍ଗାଲୋର ଡେଜ୍‌କୁ ନେଇ ଫିଲ୍ମଟିକୁ ନିର୍ମାଣ କରାଯାଇଛି। ଦିବ୍ୟାଙ୍କ ବ୍ୟତୀତ ୟଶ ଦାସଗୁପ୍ତା, ମିଜାନ୍ ଜାଫ୍ରି ଏବଂ ପ୍ରିୟା ପ୍ରକାଶ ପ୍ରମୁଖ କଳାକାରଙ୍କୁ ଏଥିରେ ଦେଖିବାକୁ ମିଳିବ।



ଆଲିଆ

# ମିଳିଗଲା ଶୁଭ ଦିନ

ଯାହାହେଉ ଶେଷରେ 'ଫୁକ୍‌ରେ-୩'ର ରିଲିଜ ଡେଟ୍ ଫାଇନାଲ ହୋଇଛି। ପୂର୍ବରୁ ଫିଲ୍ମଟି ଚଳିତ ବର୍ଷ ଡିସେମ୍ବରରେ ମୁକ୍ତିଲାଭ କରିବ ବୋଲି ଘୋଷଣା କରାଯାଇଥିଲା। କଥା କ'ଣ କି ପ୍ରଭାସଙ୍କ ଅଭିନୀତ 'ସଲାର୍' ସେପ୍ଟେମ୍ବର ୨୮ରେ ପରଦା ଉପରକୁ ଆସିଥାଆନ୍ତା। କିନ୍ତୁ କେତେକ କାରଣରୁ ଏହାକୁ ସ୍ଥଗିତ ରଖାଯାଇଛି। ସେଥିପାଇଁ ଏହି ତାରିଖରେ ଏବେ 'ଫୁକ୍‌ରେ-୩' ରିଲିଜ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ହାସ୍ୟରସାତ୍ମକ କାହାଣୀକୁ ଆଧାର କରି ଏହାକୁ ନିର୍ମାଣ କରାଯାଇଛି। ଏହାର କାହାଣୀ ରଚନା କରିଛନ୍ତି ଭିପୁଲ ଭିଗ୍। ମ୍ରିଘଦୀପ ସିଂ ଲାମ୍ବା ଉକ୍ତ ସିନେମାର ନିର୍ଦ୍ଦେଶନା ଦେଇଛନ୍ତି। ଏହି ଫିଲ୍ମ ସମ୍ପର୍କରେ ସୂଚନା ଦେଇ ସେ କହନ୍ତି, 'ଏଥିରେ ଦର୍ଶକ କମେଡିକୁ ଏକ ଭିନ୍ନ ଢ଼ଙ୍ଗରେ ଦେଖିବାକୁ ପାଇବେ। ଫିଲ୍ମଟିର ଶୁଟିଂ ସମୟରେ ସମସ୍ତ ଦିଗ ପ୍ରତି ନଜର ଦିଆଯାଇଛି। ବାକି ସବୁ ଦର୍ଶକଙ୍କ ଉପରେ ନିର୍ଭର କରେ। ପୂର୍ବରୁ ଏହା ଚଳିତ ବର୍ଷ ଡିସେମ୍ବରରେ ରିଲିଜ ହେବାର ଥିଲା। କିନ୍ତୁ ଏହାକୁ ଟିକେ ଆଗୁଆ ସେପ୍ଟେମ୍ବର ୨୮ରେ ରିଲିଜ କରାଯିବ ବୋଲି ସ୍ଥିର ହୋଇଛି।' ଏଥିରେ ପୁଲକିତ୍ ସମ୍ରାଟ, ବରୁଣ ଶର୍ମା, ମନଜୋତ୍ ସିଂ, ପଙ୍କଜ ତ୍ରିପାଠୀ ଏବଂ ରିଚା ଚଡ଼ା ପ୍ରମୁଖ କଳାକାର ଅଭିନୟ କରିଛନ୍ତି।



'ଫୁକ୍‌ରେ-୩'ର ଏକ ଦୃଶ୍ୟ

# ଦୀପାବଳିରେ ଟାଇଗର୍-୩

ବହୁ ପ୍ରତିକ୍ଷୀତ 'ଟାଇଗର-୩' ଦୀପାବଳିରେ ପରଦା ଉପରକୁ ଆସିବ। ଆଉ ସେ ନେଇ ଏବେଠାରୁ ଦିନ ଗଣିବା ଆରମ୍ଭ କରିଦେଇଛନ୍ତି କ୍ୟାଟ୍ରିନା। ଦର୍ଶକ ପୁଣି ଥରେ ସଲମାନ-କ୍ୟାଟ୍ରିନା ଯୋଡିକୁ ଏହି ଫିଲ୍ମରେ ଦେଖିବାକୁ ପାଇବେ। ସେପଟେ ଫିଲ୍ମଟିର ସଫଳତାକୁ ନେଇ ବେଶ୍ ଆଶା ବାନ୍ଧିଛନ୍ତି ଏହାର ପ୍ରଯୋଜକ ଆଦିତ୍ୟ ଚୋପ୍ରା। ଚିତ୍ରଟି ହିନ୍ଦୀ, ତାମିଲ ଏବଂ ତେଲୁଗୁ ଭାଷାରେ ପ୍ରସ୍ତୁତ କରାଯାଇଛି। ୟଶରାଜ ଫିଲ୍ମସ ବ୍ୟାନରରେ ଏହାର ନିର୍ଦ୍ଦେଶନା ଦେଇଛନ୍ତି ମନୀଷ ଶର୍ମା। ଚିତ୍ରଟିର ସଂଳାପ ରଚନା କରିଛନ୍ତି ଅଙ୍କୁର ଚୌଧୁରୀ। ଇର୍ସାଦ କାମିଲ ଏବଂ ଅମିତାଭ ଭଟ୍ଟାଚାର୍ଯ୍ୟଙ୍କ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଆଗଧାଡିର ସଙ୍ଗୀତ ନିର୍ଦ୍ଦେଶକ ପ୍ରୀତମ। ଏହାର ଆସୋସିଏଟ୍ ପ୍ରଯୋଜକ ଅଛନ୍ତି ରିଷିଭ ଚୋପ୍ରା। ଫିଲ୍ମ ବିଷୟରେ କ୍ୟାଟ୍ରିନା କହନ୍ତି, 'ଏହାର ଶୁଟିଂ ସମୟରେ ସମସ୍ତେ ନିଜର ବେଷ୍ଟ ଦେବାକୁ ଚେଷ୍ଟା କରିଛନ୍ତି। ଏଥର ଦୀପାବଳିକୁ ଫିଲ୍ମଟି ଆହୁରି ରଙ୍ଗୀନ କରିଦେବ ବୋଲି ଆଶା ରହିଛି।' ତେବେ ଏଥର 'ଟାଇଗର-୩'କୁ ଦର୍ଶକ କିପରି ଗ୍ରହଣ କରୁଛନ୍ତି ତାହା ରିଲିଜ ପରେ ହିଁ ଜଣାପଡିବ।

'ଟାଇଗର-୩' ଫିଲ୍ମରେ କ୍ୟାଟ୍ରିନା-ସଲମାନ୍





ପ୍ରଶାନ୍ତ

# ବଡ ସୁଯୋଗକୁ ଅପେକ୍ଷା

ଅଭିନେତା ପ୍ରଶାନ୍ତ ପାତ୍ର। ଏ ପର୍ଯ୍ୟନ୍ତ ତାଙ୍କୁ ବଡ ପରଦାରେ ଯେତିକି ସୁଯୋଗ ମିଳିଛି ତାହାର ସଦୁପଯୋଗ କରି ନିଜ ଅଭିନୟ ଦକ୍ଷତାର ପରିଚୟ ଦେଇସାରିଛନ୍ତି। ସବୁବେଳେ ଭିନ୍ନ ଭିନ୍ନ ଚରିତ୍ରରେ ଦର୍ଶକଙ୍କ ସାମନାକୁ ଆସିବାକୁ ଚାହାନ୍ତି ସେ। ତେଣୁ ଏଭଳି ଏକ ବଡ ସୁଯୋଗକୁ ବେଶ୍ ଉତ୍ସୁକତାର ସହ ଅପେକ୍ଷା କରିଛନ୍ତି। ଏ ନେଇ ପ୍ରଶାନ୍ତ କହନ୍ତି, 'ଭୂମିକାଟି ଯେତେ ଛୋଟ ହେଉ ନା କାହିଁକି ବେଳେବେଳେ ସେଥିରେ ନିଜକୁ ପରିଚିତ କଲା ଭଳି ମସଲା ଲୁଚି ରହିଥାଏ। ତେଣୁ ମୁଁ ସବୁ ଭୂମିକାକୁ ବେଶ୍ ଗମ୍ଭୀରତାର ସହ ନେଇଥାଏ। ସବୁବେଳେ ଭିନ୍ନ ଭିନ୍ନ ରୋଲ୍ ମିଳିଲେ ହିଁ ନିଜକୁ ଜଣେ ଦକ୍ଷ କଳାକାର ଭାବରେ ପରିଚିତ କରିହେବ। 'ବାପା ସୁପରମ୍ୟାନ୍' ଏବଂ ରିଲିଜ ଅପେକ୍ଷାରେ ଥିବା ଓଡ଼ିଆ ସିନେମା 'ମାୟାବୀ'ରେ ଅଭିନୟ କରିଛି। ଏହି ଫିଲ୍ମଦ୍ୱୟର ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାହୁଙ୍କ ନିକଟରୁ ମୁଁ ଆକ୍ଟିଂ ବିଷୟରେ ଅନେକ କିଛି ଶିଖିଛି। କେବଳ ଭଲ ସୁଯୋଗଟିଏକୁ ଅପେକ୍ଷା କରିଛି।' ସୂଚନାଯୋଗ୍ୟ 'ମାୟାବୀ'ର ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି ଅମ୍ଳାନ ଏବଂ ଭୂମିକା ଦାଶ।

# ଆଲିଆଙ୍କ ଅଜବ ଅଭ୍ୟାସ

ଆଲିଆ ଭଟ୍ଟ ଯେତେବେଳେ ଶଟ୍ ଦେଇ ନିଜ ଆସନକୁ ଫେରନ୍ତି ସେତେବେଳେ ଗୋଟିଏ କାମ କରିବାକୁ କେବେ ବି ଭୁଲି ନ ଥାନ୍ତି। ତାହା କ'ଣ ଜାଣିବେନି ? ଶଟ୍ ଦେବା ପରେ ଆସି ଚେୟାର ବସିବା ମାତ୍ରେ ସେ ତାଙ୍କ ନାକକୁ ଧରି କିଛି ସମୟ ହାଲ୍‌କା ଭାବରେ ଘଷନ୍ତି। ଏପରିକି ଯଦି ଏହି ସମୟରେ ସେ କାହା ସହ କଥା ହୁଅନ୍ତି, ତଥାପି ସେ ଏଭଳି କରିବା ଜାରି ରଖିଥାଆନ୍ତି। ଏ ନେଇ ଆଲିଆ କହନ୍ତି, 'ଏହି ଅଭ୍ୟାସ ମୋର ପିଲାଟି ଦିନରୁ। ପାଠ ପଢ଼ିବା ପରେ ମୁଁ ମୋ ନାକକୁ ଧରି କିଛି ସମୟ ହାଲକା ଭାବରେ ଘଷିଥାଏ। ଏବେ ମୁଁ ଘର ସଂସାର କରିବା ପରେ ମଧ ତାହାକୁ ଭୁଲି ନାହିଁ। ବିଶେଷ ଭାବରେ ଶଟ୍ ଦେବା ପରେ ମୁଁ ଏଭଳି କରିଥାଏ। ତାହାକୁ ବଦଳାଇବାକୁ ଚାହିଁଲେ ବି ହୋଇପାରୁନି।' ଶୁଣିବାକୁ ମିଳୁଛି ଯେ ସଞ୍ଜୟ ଲୀଲା ଭଁସାଲିଙ୍କ ପୁରୁଣା ପ୍ରୋଜେକ୍ଟ 'ଇନ୍‌ସାଅଲ୍ଲାହ' ପୁଣି ଥରେ ଆରମ୍ଭ ହେବ। ଏଥିରେ ସଲମାନ ଖାଁ ଏବଂ ଆଲିଆ ଭଟ୍ଟ ମୁଖ୍ୟ ଭୂମିକାରେ ଅଭିନୟ କରିବେ।

# କମଲ୍‌ଙ୍କ ପ୍ରଶଂସାରେ ରକୁଲ୍

ସତରେ ଏଭଳି ସୁଯୋଗ ଭାଗ୍ୟରେ ଥିଲେ ହିଁ ମିଳେ। କମଲ୍ ହାସନଙ୍କ ପରି ଲୋକପ୍ରିୟ ଅଭିନେତାଙ୍କ ସହ ସ୍କ୍ରିନ୍ ସେୟାର କରିବା ଛୋଟିଆ କଥା ନୁହେଁ। ତେଣୁ ଏଭଳି ଚାନ୍ସ ପାଇବା ପରେ ରକୁଲ ପ୍ରୀତ ସିଂଙ୍କ ଖୁସି କହିଲେ ନ ସରେ। ଏବେ ସେ ଯୁଆଡେ ଗଲେ ତାଙ୍କ ପ୍ରଶଂସାରେ ଶତମୁଖ। କଥା କ'ଣ କି ନିର୍ମାଣାଧୀନ 'ଇଣ୍ଡିଆନ୍-୨'ରେ କମଲ୍‌ଙ୍କ ସହ ରକୁଲ୍ ଅଭିନୟ କରୁଛନ୍ତି। ଏ ନେଇ ରକୁଲ୍ କହନ୍ତି, 'ମୋତେ ଯେତେବେଳେ ଏହି ଅଫରଟି ମିଳିଲା ସେତେବେଳେ ମୁଁ ବିଶ୍ୱାସ କରିପାରି ନ ଥିଲି। ବିଶେଷଭାବରେ କମଲ୍ ସାର୍‌ଙ୍କ ପରି ଅଭିନେତାଙ୍କ ସହ ଅଭିନୟ କରିବାର ମଜା କେତେ ତାହା ମୁଁ ବର୍ଣ୍ଣନା କରିପାରିବି ନାହିଁ। ଆକ୍ଟିଂ ବିଷୟରେ ତାଙ୍କ ନିକଟରୁ ଅନେକ କଥା ଶିଖିପାରିଛି।' ଏହି ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ଏସ. ଶଙ୍କର। କାହାଣୀ ଅନୁସାରେ ସେନାପତି ନାମକ ଜଣେ ପୂର୍ବତନ ସ୍ୱାଧୀନତା ସଂଗ୍ରାମୀ ଦେଶରୁ ଦୁର୍ନୀତି ଦୂର କରିବାକୁ ପଣ କରିଛି। ସେ ଯୁବକମାନଙ୍କୁ ଏହି ଅଭିଯାନରେ ସାମିଲ ହେବାକୁ ଅନୁରୋଧ କରିଛି। ତେବେ ସେନାପତି ନିଜର ଲକ୍ଷ୍ୟ କିପରି ହାସଲ କରୁଛି ତାହା ସିନେମା ଦେଖିଲେ ଜାଣିପାରିବେ। ଏହି ଫିଲ୍ମରେ କାଜଲ ଅଗ୍ରୱାଲ ଏବଂ ଗୁଲସନ୍ ଗ୍ରୋଭର ମଧ ଅଭିନୟ କରିଛନ୍ତି। ଉଦୟନିଧି ଷ୍ଟାଲିନ୍‌ଙ୍କ ଦ୍ୱାରା ପ୍ରଯୋଜିତ ଉକ୍ତ ଚିତ୍ରଟି ଚଳିତ ବର୍ଷ ଅକ୍ଟୋବର ୧ରେ ରିଲିଜ ହେବାର ଯୋଜନା ରହିଛି।



ରକୁଲ୍

ପ୍ରଥମ ରୋଜଗାର

# ବୋଉ କହିଲା ଦିଅଁଙ୍କ ପାଖରେ ରଖିଦେ



କଥାକାର ଲୋପାମୁଦ୍ରା ପରିଡା ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

ପ୍ରଥମ ରୋଜଗାରର ଶୀର୍ଷକରେ ଧରିତ୍ରୀରେ ଯେତେବେଳେ କାହାକୁ ପଢୁଥିଲି, ସେତେବେଳେ ଭାବୁଥିଲି ଯଦି କୋଉ ଦିନ ମତେ ଲେଖିବାକୁ ସୁଯୋଗ ମିଳେ ମୁଁ କ'ଣ ବା ଲେଖିବି ! ସବୁ ପ୍ରଥମରେ ଯେମିତି ବହେ ଅଙ୍କ କଷା ପାଠ ଥାଏ, ଆଣ୍ଠେଇ ପେଟେଇ ଶିଖୁ ଭଲମନ୍ଦ ସେମିତି ହିଁ ସାଧାରଣ ଥିଲା ମୋ ପ୍ରଥମ ରୋଜଗାର କଥା। ସେତେବେଳେ ମୋ ବୋଉ ଅତ୍ୟନ୍ତ ଅସୁସ୍ଥ। ପ୍ରତି ସପ୍ତାହରେ ତିନି ଥର ଡାଏଲିସିସ। ବୋଉକୁ ବୟାଳିଶି ମତେ ତେଇଶି । ବାପା ଦିନରାତି ଏକାକାର କରୁଥାନ୍ତି ବୋଉର ଚିକିତ୍ସାରେ। ବୋଉ ଭାବୁଥାଏ ମୁଁ ଅଛି, ବଞ୍ଚିଛି ବୋଲି ସିନା ସମସ୍ତେ ଏତେ ହଇରାଣ ହେଉଛନ୍ତି,ପୁଣି ଭାବୁଥାଏ ମୁଁ ଅଛି ବୋଲି ତ ଏମାନେ ଯେମିତି ହଉ ପଛେ ଟାଣିଭିଡି ହସୁଛନ୍ତି, ଗଣ୍ଡେ ଫୁଟେଇ ଦେଲେ ଖାଉଛନ୍ତି । ଏପଟେ ପାଣି ଭଳିଆ ପଇସା ବହି ଯାଉଥାଏ। ବାପା ବୋଉ ରାତି ରାତି ଚିନ୍ତାରେ ନ ଶୋଇ ପାରିଲେ ବି ଆମ ପିଲାଙ୍କ ଆଗରେ ଦମ୍ଭ ଧରୁଥାନ୍ତି। ମୁଁ ବୋଉ ସାଙ୍ଗରେ ସବୁ ଡାକ୍ତର ଦେଖାବେଳେ ଯାଏ। ଦିନେ ଡାକ୍ତର କହିଲେ, ତମେ ଏକା ଆସିଛ ? ତମ ସାଙ୍ଗରେ କେହି ବଡ଼ ମଣିଷ ନାହାନ୍ତି ? ମୁଁ ମନ ଟାଣ କରି କହିଲି, ମତେ କୁହନ୍ତୁ। ରାସ୍ତାରେ ବୋଉ ପଚାରିଲା, କଣ କହିଲେ ଡାକ୍ତର ? ମୁଁ କିଛି କହିବା ଅବସ୍ଥାରେ ନ ଥିଲି। ବୋଉ କହିଲା, କ'ଣ ମୁଁ ଆଉ ବେଶି ଦିନ ନୁହେଁ କହିଲେ କି ? ତୁ ବ୍ୟସ୍ତ ହ'ନା। ମୁଁ ଅଛି। ମୁଁ କୁଆଡ଼େ ଯିବି ତମକୁ ସବୁ ଛାଡିକି ଲୋ । ରାତିରେ ବାପା ବୋଉ କଥା ହଉଥାନ୍ତି। ମୋ କାନରେ ପଡୁଥାଏ। ବୋଉ କହୁଥାଏ ମୋ ଯୋଗୁଁ ଭାରି ହଇରାଣ ହଉଛ ନା। ପିଲାଙ୍କ ପାଇଁ କେତେ କ'ଣ ସ୍ୱପ୍ନ ସାଇତିଥିଲି ସବୁ ତ ମୋ ପଛରେ ସରିଲାଣି। ତା ସ୍ୱର ଥରୁଥାଏ। ସେଇଦିନ ମୁଁ ଭାବିଲି ଇଂଜିନିୟରିଂ ସାରି ବସିଛି କ'ଣ କୁଆଡେ କରିବି। ସେତିକି ବେଳେ ମୋ କଟକି ସାଙ୍ଗ ସୋପା କହିଲା , ଫ୍ରଣ୍ଟ ଅଫିସ କାମ କରିବୁ, ଦରମା ଦୁଇ ହଜାର ? ତତେ କହିବାକୁ ତ ଭଲ ଲାଗୁନି ଏଇ କାମ ପାଇଁ ହେଲେ କଣ କରିବା ! ପରିସ୍ଥିତି ହିଁ ସେମତି। ମୁଁ ରାଜି ହେଇଗଲି। ବାପା ଅରାଜି କିନ୍ତୁ କିଛି କହିଲେନି। ବୋଉ ଲୁହରେ ଉତ୍ତର ରଖିଲା। ସାନ ଭାଇ ସେତବେଳକୁ ପ୍ଲସ ଟୁ ପ୍ରଥମ ବର୍ଷ। ସିଏ କଲେଜ ଯାଏ, ବାପା କଚେରୀ ଯିବେ ଆଉ ମୁଁ ବୋଉର କଣ କାମ ହବ, ରନ୍ଧା କଣ ହବ, ଘର କାମ ଯାହା ତାହା ତୁଟେଇ ଦିନ ଦଶରେ ବାହାରେ। ମତେ ପୁଣି ସେତେବେଳେ କିଛି କାମ ଆସୁ ନ ଥାଏ। ବୋଉର ପୂରା ଦୁର୍ବଳ ଅବସ୍ଥା। ଦି'ପହର ବେଳକୁ ଆସେ। ବୋଉକୁ କ'ଣ ଟିକେ ଖୁଆଏ, ବାପା ଆସି ରାନ୍ଧିଥାନ୍ତି, ବୋଉ ସେଇଥିରେ ଘୋସାରି ହେଇ ହାଣ୍ଡିରେ ଲୁହାଖଡିକା, ଡାଲିଚଟୁ ବୁଲେଇ ଆସେ । ପରିବା କାଟୁ କାଟୁ ଦି' ତିନିଥର ବାନ୍ତି କରେ। ମୁଁ କ'ଣ ଦିଟା ପାଟିରେ ପୂରେଇ ଫେରିଯାଏ। ଅଫିସ୍ ବୋଲି ଯୋଉ ଜାଗା ସେଠି ମତେ କେହି ପସନ୍ଦ କରନ୍ତିନି। ପୁରୁଣାକାଳିଆ କୁହନ୍ତି ଆଉ ମିଶନ୍ତିନି। ସେମାନଙ୍କ ଅତ୍ୟାଧୁନିକ ଢଙ୍ଗଢାଙ୍ଗ ଆଗରେ ମୁଁ ନିରସ, ବେଢଙ୍ଗ ଆଉ ପାଣିଚିଆ । ମୁଁ ସେଠି ମୋର ସାଧ ମତେ ମିଶିବାକୁ ହସିବାକୁ ଚେଷ୍ଟା କରୁଥାଏ ଓ ମୋତେ ଦିଆଯାଇଥିବା ଦାୟିତ୍ୱ ଶହେରୁ ଶହେ ଠିକ୍ କରୁଥାଏ। ହେଲେ କିନ୍ତୁ ସେ ପରିବେଶ କିଛି ସୁହାଉ ନ ଥାଏ। ଘରେ ଏ ନେଇ କିଛି କହିନଥାଏ ସେ ଯାଏ। ହଉ ସିଏ ଯା ହଉ ପଛେ ମାସ ଶେଷକୁ ଦି'ହଜାରଟେ ମିଳୁ।

ବାପାଙ୍କୁ ଦେବି। ହଉ ପଛେ ଗୁଣ୍ଡୁଚି କିଛି ତ କାମରେ ଲାଗିବି। ମାସ ଯେତେ ପୁରି ପୁରି ଆସୁଥାଏ ମୁଁ ଗୋଟେ ଅପେକ୍ଷାକୁ ସାଉଣ୍ଟୁ ଥାଏ। ଅଜଣା ପୁଲକଟେ ପୋଷି ହେଉଥାଏ ବାପାଙ୍କର ସାହସ ହେଇ ଠିଆ ହବାର । ତିରିଶି ତାରିଖ ଟପିଲା। ଏକ ତିରିଶି ବି ଗଲା। ଏକ ତାରିଖ ଦିନ ଅଫିସ୍ ମାଲିକ ଡାକି ବଢେଇ ଦେଲେ ବାରଶ ଟଙ୍କା। ମତେ ଗଣନା ବାଗ ଜଣା ନାହିଁ। ମୁଁ ଚାରିଥର କି ଗଣି ମନେ ପକେଇଲି ସୋପା ତ କହିଥିଲା ଦୁଇହଜାର ଦେବେ, ଏତିକି କଣ ! ତଥାପି କାହା ମୁହଁ ରେ କିଛି କେବେ କହି ନ ପାରିବାର ଗୁଣ ଯୋଗୁ ସେତିକି ମୁଠେଇ ଧରି କାଠ ପରି ଠିଆ ହେଇଥାଏ।

ସିଏ ପୁଣି କହିଲେ, ତମର ଆଉ କାଲିଠୁ ଆସିବା ଦରକାର ନାହିଁ। ଆମେ ନୂଆ ପିଲା ନେଇ ସାରିଛୁ। ତମେ କାମ ଭଲ କରୁଛ ହେଲେ ଆମକୁ ଆଉ ଟିକେ ମଡର୍ନ ପିଲା ଦରକାର। ପରାଜିତ ହେବାର ଦୁଃଖ କରିବି କି ମୁକ୍ତ ହବାର ଆନନ୍ଦ ଅବୁଝା ଥିଲା। ଏପ୍ରିଲ ଏକ ତାରିଖ। ସାଇକେଲ ନେଇ ଘରକୁ ଫେରି ସେଦିନ ବୋଉ ପାଖରେ ବସି ପଡ଼ିଲି। ବୋଉ ହାତକୁ ବଢେଇ ଦେଲି ପଇସା ତକ ଆଉ କହିଲି, ମନା କରିବୁ ଯଦି କାଲିଠୁ ଆଉ ଯିବିନି। ତୋ ପାଖରେ ରହିବି। ବୋଉ କିଛି କହିଲାନି। ଖାଲି ଆଉଁସି ଦେଲା ଆଉ କାଳିଆ ଫଟୋକୁ ଅନେଇ ହାତ ଯୋଡ଼ିଲା ଆଉ ଆଖିରେ କହିଲା ଦିଅଁଙ୍କ ପାଦ ତଳେ ରଖିଦେ । ବାପା ଆସି ପହଞ୍ଚିଲେ ସେତିକି ବେଳେ ଆଉ କହିଲେ, ଭଗବାନ ଯାହା କରନ୍ତି ପ୍ରାଣୀର ମଙ୍ଗଳ ପାଇଁ। ଯା' ପଢାପଢିରେ ମନ ଦେ। ପରିଶ୍ରମର ଫଳ ଈଶ୍ୱର ଯାଚି ଦିଅନ୍ତି ମାଆ ।

# ମୁରୁକି ହସରେ ଅନେକ କଥା, ଭାବିଲେ ଘୁରି ଯାଉଛି ମଥା

**ପ୍ରଶ୍ନ**–ଜଣେ ସୁନ୍ଦରୀ ଥରେ ମୋତେ ଦେଖି ମୁରୁକି ହସିଦେଲା। ଇତି ମଧ୍ୟରେ ସେ ମୋ ମନର ଏକ ସ୍ୱତନ୍ତ୍ର ସ୍ଥାନରେ ରହିସାରିଛି। ହେଲେ ଏପରି ପ୍ରେମରେ କେମିତି ଆଗେଇବି ଜାଣିପାରୁନାହିଁ। କ'ଣ କରିବି ?

*–ପ୍ରଦୀପ ସୁବୁଦ୍ଧି, ନୟାଗଡ*

**ଉତ୍ତର:** ସେହି ସୁନ୍ଦରୀର ମୁରୁକି ହସରେ ବୋଧହୁଏ ମ୍ୟାଜିକ୍ ଥିଲା। ଦେଖୁନାହାନ୍ତି, ତାହାର ପ୍ରଥମ ହସରେ ହିଁ ଆପଣଙ୍କ ମନ କେମିତି ତା' ନିକଟରେ ବନ୍ଧା ପଡିଯାଇଛି। 'ମୁରୁକି ହସରେ ଅନେକ କଥା, ଭାବିଲେ ଘୁରି ଯାଉଛି ମଥା।' କିନ୍ତୁ ଏହି ସମୟରେ ଧୈର୍ଯ୍ୟ ଧରି ଆଗାନ୍ତୁ। ପ୍ରଥମେ ଜାଣି ନିଅନ୍ତୁ ଯେ ସେ ଝିଅ ଆପଣଙ୍କୁ ଭଲ ପାଉଛି କି ନାହିଁ। ନ ହେଲେ ଏକତରଫା ପ୍ରେମ ନିଶାରେ ବାୟା ହୋଇ ଆପଣ କେବଳ ମରିଚିକା ପଛରେ ଧାଇଁବା ସାର ହେବ। ଯଦି ସେପଟୁ ଗ୍ରୀନ୍ ସିଗନାଲ ରହିଛି, ତେବେ କିଛି ପରବାୟ ନାହିଁ। ଏଣିକି ଆପଣଙ୍କ ମନର ମାନସୀ ସହ ଆପଣ ପ୍ରେମର ନୌକାକୁ ଆଗକୁ ବାହି ନେଇ ଯାଇପାରିବେ।

**ପ୍ରଶ୍ନ**–ଜଣେ ରୂପସୀ ମୋତେ ସବୁବେଳେ କଣେଇ କଣେଇ ଚାହୁଁଛି। ହେଲେ ତାକୁ ଯଦି ମୋ ମନର କଥା କୁହେ, ହୁଏତ ସେ ତାକୁ ଗ୍ରହଣ କରିବ କି ?

*–ତନ୍ମୟ କୁମାର, ପୁରୀ*

**ଉତ୍ତର:** ସେହି ରୂପସୀର ଚୋରା ଚାହାଣୀରେ ହୁଏତ ପ୍ରେମର ପହିଲି ସଙ୍କେତ ଲୁଚି ରହିଛି। ମନକୁ ଥଣ୍ଡା କରି ତାହାକୁ ଭଲ ଭାବରେ ତର୍ଜମା କରନ୍ତୁ। ଯଦି ପ୍ରେମ କରିବାକୁ ଅଣ୍ଟା ଭିଡିଛନ୍ତି ତେବେ ମନରେ କୌଣସି ପ୍ରଶ୍ନବାଚୀ ରଖନ୍ତୁ ନାହିଁ। ଏପରି ବଲ ପକାନ୍ତୁ ଯେମିତି ଆପଣଙ୍କ ପ୍ରେମିକା ଏକାଥରେ କ୍ଲିନ୍ ବୋଲ୍ଡ ହୋଇଯିବ।

**ପ୍ରଶ୍ନ**–ପ୍ରେମର ସ୍ୱାଦ ମିଠା କି ଖଟା କହିବେ କି ସାଥୀ ?

*–ଅନିକେତ ସାହୁ, ଅନୁଗୋଳ*

**ଉତ୍ତର:** ପ୍ରେମ ନ କଲେ ଏହାର ସ୍ୱାଦ ଜାଣିପାରିବେ ନାହିଁ। କେବଳ ଶୁଣିକରି ମନ ଖୁସି କରିବା କଥା। ହେଲେ ଯଦି ଆପଣ ସଚ୍ଚା ପ୍ରେମ କରୁଛନ୍ତି, ଆଉ ସେଥିରେ ଟିକିଏ ହେଲେ ଆବିଳତା ନାହିଁ, ତେବେ ସେହି ପ୍ରେମ ସବୁବେଳେ ରସଗୋଲା ପରି ମିଠା। ହେଲେ ଯଦି ସେହି ପ୍ରେମରେ କିନ୍ତୁ ପରି ଭାଇରସ ସବୁବେଳେ ଘୁରି ବୁଲନ୍ତି, ତେବେ ଏଭଳି ପ୍ରେମରେ ମନ ଖାଲି ପିତା ପିତା ଲାଗିବ। ତେଣୁ ପ୍ରଥମେ ନିଜ ପ୍ରେମ କିପରି ନିର୍ମଳ ରହିବ ସେଥିପ୍ରତି ଧ୍ୟାନ ଦିଅନ୍ତୁ। ଆଉ ତା'ପରେ ପ୍ରେମର ସ୍ୱାଦ କ'ଣ କାହାକୁ ପଚାରିବାକୁ ପଡିବ ନାହିଁ, ନିଜେ ନିଜେ ଅନୁଭବ କରିପାରିବେ।

**ପ୍ରଶ୍ନ**–ଜଣକ କଥାରେ ପଡି ମୁଁ ଜଣେ ଝିଅକୁ ଭଲ ପାଇଲି। ବେଶ୍ କିଛି ମାସ ଆମର ପ୍ରେମ ଆଗକୁ ଆଗେଇଲା। ହେଲେ ଏବେ ମୋ ପ୍ରେମିକା ମୋଠାରୁ ଦୂରେଇ ଯିବାକୁ ଚାହୁଁଛି। ଏବେ ମୁଁ ଏହି ସମସ୍ୟାର ସମାଧାନ କିପରି କରିବି ?

*–ବିରଞ୍ଚି ପ୍ରଧାନ, ଯାଜପୁର*

**ଉତ୍ତର:** ଯେତେବେଳେ ସାଙ୍ଗ କଥାରେ ପଡି ସେହି ସୁନ୍ଦରୀକୁ ଭଲ ପାଇ ବସିଲେ, ସେତେବେଳେ ସେ ନେଇ ଗଭୀର ଭାବରେ ଚିନ୍ତା କରିବାର ଥିଲା। ପ୍ରେମିକା ଚଏସ କରିବା ସମୟରେ ବୋଧହୁଏ କିଛି ଭୁଲ ଭଟକା ରହିଯାଇଛି। ଆପଣଙ୍କ ପ୍ରେମିକା ଆପଣଙ୍କଠାରୁ ଦୂରେଇ ଯିବାକୁ ଚାହୁଁଛି। ଯଦି ଏକଥା ସତ ହୋଇଥାଏ, ତେବେ ସେଭଳି ପ୍ରେମ ଆଉ ପ୍ରେମିକା ଉପରେ ଭରସା କରିବା ଠିକ୍ ନୁହେଁ। କାରଣ ସେ ହୁଏତ ଅଧା ବାଟରେ ଆପଣଙ୍କ ହାତ ଛାଡି ଦେବାର ଯଥେଷ୍ଟ ସମ୍ଭାବନା ରହିଛି। ତେଣୁ ପୂର୍ବରୁ ସତର୍କ ରହିବା ନିହାତି ଜରୁରୀ।

**ପ୍ରଶ୍ନ**–ମୋ ପ୍ରଥମ ପ୍ରେମକୁ ମୁଁ ଭୁଲି ପାରୁନି। ସେ ସିନା ମୋତେ ଧୋକା ଦେଇ ଚାଲି ଗଲା। ଏବେ ମୁଁ ଆଉ ଜଣେ ଝିଅକୁ ଭଲ ପାଇବି ବୋଲି ଚିନ୍ତା କରୁଛି। ଏ ନେଇ ଆଗେଇବା ଠିକ୍ ହେବ ତ ?

*–ଦୀପକ, ଜଗତସିଂହପୁର*

**ଉତ୍ତର:** ଯେଉଁ ପ୍ରେମରେ ଧୋକା ଖାଇଥିଲେ ସେଭଳି ପ୍ରେମକୁ ମନେ ପକାଇଲେ ତାହ ମନ ଭିତରେ ସେମିତି ଦୁକୁ ଦୁକୁ ହୋଇ ଜଳୁଥିବ ଆଉ ତା' ପ୍ରଭାବରେ ନା ଆପଣ ଆଗକୁ ଯିବେ ନା ସେହି ପ୍ରେମକୁ ଭୁଲିପାରିବେ। ତେଣୁ ସେହି ପ୍ରେମରେ ସବୁଦିନ ପାଇଁ ପୂର୍ଣ୍ଣଚ୍ଛେଦ ଟାଣି ଦିଅନ୍ତୁ। ଯଦି ପୁଣି ଥରେ ପ୍ରେମ କରିବାକୁ ମନ ବଳାଇଛନ୍ତି ତେବେ ଏମିତିକା ପ୍ରେମିକାଟିଏ ଖୋଜନ୍ତୁ ଯିଏ ସାରା ଜୀବନ ଆପଣଙ୍କ ପାଖରେ ରହିଥିବ।



# ‘ଯୋଗ୍ୟତା ପରଖୁ ପରଖୁ ପାଲଟିଲି ଔପନ୍ୟାସିକ’



**ଯେବେ ନିଶାର୍ଦ୍ଧରେ ସମସ୍ତେ ଶୋଇ ଯାଆନ୍ତି, ସେତେବେଳେ ତାଙ୍କ ମାନସପଟରେ ଜୀବନ୍ତ ହୋଇଯାଏ କାହାଣୀର ଚରିତ୍ର ସବୁ । ଆଉ ସେ କାଗଜ କଲମ ଧରି ବସି ପଡ଼ନ୍ତି ଲେଖିବାକୁ । ରାତି ଯେତେ ବଢ଼େ କାହାଣୀ ସେତେ ଆଗକୁ ବଢ଼େ। ଏମିତି ଲେଖୁ ଲେଖୁ ସେ ଏବେ ପାଲଟିଛନ୍ତି ଜଣେ ତରୁଣ ଇଂରାଜୀ ଔପନ୍ୟାସିକ। ତାଙ୍କ ଉପନ୍ୟାସ ବ୍ଲାକ ଇଗଲ୍ ବୁକ୍ସ ଦ୍ୱାରା ପ୍ରକାଶ ପାଇବା ସହ ଚିକାଗୋ ପୁସ୍ତକ ପ୍ରଦର୍ଶନୀରେ ପ୍ରଦର୍ଶିତ ହୋଇଛି ଓ ବେଷ୍ଟ ସେଲର୍ ତାଲିକାରେ ଅନ୍ତର୍ଭୁକ୍ତ ହେବା ଲାଗି ମନୋନିତ ବି ହୋଇଛି। ସେ ହେଉଛନ୍ତି ଭୌମିକ ମହାନ୍ତି...**

ଭୌମିକଙ୍କ ଘର ଭୁବନେଶ୍ୱରରେ। ବାପା କମଳାକାନ୍ତ ମହାନ୍ତି ଝାଡ଼ଖଣ୍ଡର ଏକ ଖବରକାଗଜର ଓଡ଼ିଶା ପ୍ରତିନିଧି ଅଛନ୍ତି। ମା’ ଦୀପିକା ମହାନ୍ତି ଗୃହିଣୀ। ତା’ସହ ସେ ସମାଜସେବା ବି କରନ୍ତି। ଭୌମିକ କୁହନ୍ତି, ‘ମା’ କବିତା ଲେଖନ୍ତି। ମାମୁଘରେ ବି ପ୍ରାୟ ସମସ୍ତେ ଲେଖାଲେଖି କରନ୍ତି। ସେମାନଙ୍କୁ ଦେଖି ଦେଖି ମୋର ବି ଛୋଟବେଳୁ ଲେଖା ପ୍ରତି ରୁଚି ବଢ଼ିଥିଲା। ସ୍କୁଲରେ ପଢ଼ିବାବେଳେ ଲିଟରେଚର୍ କ୍ଲବ୍‌ରେ ସାମିଲ ହେଇଥିଲି। ପ୍ରବନ୍ଧ ପ୍ରତିଯୋଗିତାରେ ପ୍ରଥମ ହେଉଥିଲି। ଦ୍ୱାଦଶ ପଢ଼ିବାବେଳେ କ୍ଷୁଦ୍ର ଗଳ୍ପ, ଛୋଟ ଛୋଟ କବିତା ଲେଖିବା ଆରମ୍ଭ କଲି। ତେବେ ୨୦୧୯ରେ କଲେଜ ଆରମ୍ଭ ହେବା ପୂର୍ବରୁ କରୋନା ଲାଗି କଲେଜ ବନ୍ଦ ଥିଲା। ତେଣୁ ସମୟକୁ ଅପଚୟ ନ କରି ତାକୁ ଲେଖା ଲେଖିରେ ବିତାଇବାକୁ ନିଷ୍ପତ୍ତି ନେଲି। ଆଉ ଏଇଠୁ ଆରମ୍ଭ ହେଲା ମୋର ଉପନ୍ୟାସ ଲେଖିବା। ସ୍ୱପ୍ନ ବା ପରିକଳ୍ପନା ବି ବାସ୍ତବ ରୂପ ନେଇପାରେ ତାହା ହିଁ ଥିଲା ମୋ କାହାଣୀର ବିଷୟ ବସ୍ତୁ। ୨୦୨୦ରେ ମୋର ଉପନ୍ୟାସଟି ସମ୍ପୂର୍ଣ୍ଣ ହେଲା। ଉପନ୍ୟାସର ନାଁ ଦେଲି ‘ଆଇ ଡିଡ୍, ଡିଡ୍ ଆଇ’। ସେତେବେଳେ ପୁସ୍ତକ କିଭଳି ପ୍ରକାଶ ପାଇବ ସେ ସମ୍ପର୍କରେ ମୁଁ କିଛି ଜାଣି ନ ଥିଲି। ମୋ ବାବାଙ୍କ ବନ୍ଧୁ ବିଶିଷ୍ଟ ଲେଖକ ପ୍ରଫେସର ଡ. ତପନ ପଣ୍ଡା ମୋର ଏହି ଉପନ୍ୟାସ ରଚନା ବିଷୟରେ ଜାଣିବା ପରେ ଏହାର କିଣ୍ଡଲ୍ ଏଡିସନ୍ ପ୍ରକାଶ କରିବାକୁ ପରାମର୍ଶ ଦେଇ ନିଜେ ସେ ଦାୟିତ୍ୱ ନେଲେ। ତେଣୁ ପ୍ରଥମେ କିଣ୍ଡଲ ଏଡିସନ୍‌ରେ ମୋ ଉପନ୍ୟାସ ପ୍ରକାଶ ପାଇଲା। ଏହାପରେ ସେ ବ୍ଲାକ୍ ଇଗଲ୍ ବୁକ୍ସ ପ୍ରକାଶନୀ ସଂସ୍ଥା ସହିତ ଯୋଗାଯୋଗ କଲେ। ତାଙ୍କ ନିର୍ଦ୍ଦେଶରେ ମୁଁ ପ୍ରକାଶଙ୍କ ସହ ଯୋଗାଯୋଗ କରି ଉପନ୍ୟାସର କାହାଣୀ ଶୁଣାଇଲି। ସେମାନେ ମତେ ବହୁତ ସାହାଯ୍ୟ କଲେ। ଆଉ ମୋର ପ୍ରଥମ ଇଂରାଜୀ ଉପନ୍ୟାସ ‘ଆଇ ଡିଡ୍, ଡିଡ୍ ଆଇ’ ବ୍ଲାକ୍ ଇଗଲ୍ ବୁକ୍ସ ପ୍ରକାଶନୀ ସଂସ୍ଥା ଦ୍ୱାରା ପ୍ରକାଶ ପାଇଲା। ସେତେବେଳେ ମତେ ବୟସ ମାତ୍ର ୧୮ ବର୍ଷ। ୩୦ଟି କପି ମୋ ପାଖକୁ ଆସିଥିଲା। ହାତରେ ମୋ ପ୍ରଥମ ଲେଖାକୁ ଧରି ଖୁସିରେ ଆତ୍ମହରା ହୋଇଯାଇଥିଲି। ତେବେ ପ୍ରଥମେ ମତେ ବେଶି କେହି ଜାଣି ନ ଥିବାରୁ ଉପନ୍ୟାସଟିକୁ ନେଇ ବେଶି ରେସପନ୍ସ ମିଳି ନ ଥିଲା। ପରେ ଯେବେ ବ୍ଲାକ୍ ଇଗଲ୍‌ର ବହି ସବୁ ଆମେରିକାରେ ବିକ୍ରି ହେଲା ସେଠାକାର ପାଠକଙ୍କର ମୋ ବହିକୁ ନେଇ ରେସପନ୍ସ ଆସିଲା। ଏବେ ଚିକାଗୋରେ ବ୍ଲାକ ଇଗଲ୍ ବୁକ୍ସ ଦ୍ୱାରା ଆୟୋଜିତ ପୁସ୍ତକ ପ୍ରଦର୍ଶନୀରେ ବି ମୋ ଉପନ୍ୟାସ ପୁସ୍ତକ ପ୍ରଦର୍ଶିତ ହୋଇଛି।






**ଦ୍ୱିତୀୟ ଉପନ୍ୟାସ ଓ ଆମେରିକୀୟ ପାଠକଙ୍କ ସ୍ୱୀକୃତି:** ୨୦୨୧ରେ ମୁଁ ମୋର ଦ୍ୱିତୀୟ ଉପନ୍ୟାସ ଲେଖିବା ଆରମ୍ଭ କଲି। ଏହା ହେଉଛି ପ୍ରଥମ ଉପନ୍ୟାସର ସିକ୍ୱେଲ। ଏଥିରେ ମୁଁ ସରିଆଲିଜ୍ ସହ ପ୍ରେମକୁ ମିଶାଇଥିଲି। ଦୁଇଟି ଭିନ୍ନ ଭିନ୍ନ କଥାକୁ ମିଶାଇ ଲେଖିବାକୁ ଟିକେ କଷ୍ଟ ହୋଇଥିଲା। ତେବେ ନିକଟରେ ‘ଦ ଗର୍ଲ ୱିଥ ଦ ବ୍ରାଉନ୍ ଆଇଜ୍’ ନାମକ ମୋର ଏହି ଉପନ୍ୟାସଟି ବ୍ଲାକ ଇଗଲ୍ ବୁକ୍ସ ପ୍ରକାଶନୀରେ ପ୍ରକାଶ ପାଇଛି। ଆଉ ଏହାକୁ ନେଇ ପାଠକଙ୍କ ଭଲ ମତ ବି ରହିଛି। ଆମେରିକାରୁ ମିଳିଥିବା ପାଠକଙ୍କ ରେସପନ୍ସ ତ ବହୁତ ଭଲ ଅଛି। ଉପନ୍ୟାସଟି ‘ବେଷ୍ଟ ସେଲର୍’ ପାଇଁ ମନୋନିତ ବି ହୋଇଛି। ପାଠକମାନେ ଏହି ଉପନ୍ୟାସର ଟ୍ୱିଷ୍ଟକୁ ବହୁତ ପସନ୍ଦ କରୁଛନ୍ତି।

**ଲେଖେ ଯୁବଗୋଷ୍ଠୀ ପାଇଁ:** ମୋ ଉପନ୍ୟାସର ଅନେକ ଚରିତ୍ର ମୋ ବାସ୍ତବିକ ଜୀବନ ସହ ଜଡିତ ଥାଆନ୍ତି। ଏମିତିକି ମୋ ସାଙ୍ଗମାନେ ବି ମୋ ଉପନ୍ୟାସର ଚରିତ୍ର ପାଲଟିଛନ୍ତି। ତେଣୁ କହିବାକୁଗଲେ ମୁଁ ଖାସ୍‌କରି ଯୁବଗୋଷ୍ଠୀ ଓ ବୟସ୍କଙ୍କ ପାଇଁ ଲେଖିଥାଏ। ଏହାର ଅର୍ଥ ନୁହେଁ କି ପିଲାମାନେ ଏହାକୁ ପଢ଼ିପାରିବେ ନାହିଁ। ସେମାନେ ବି ପଢ଼ିପାରିବେ। ହେଲେ ଅନେକ ସମୟରେ ପିଲାମାନଙ୍କ ପାଇଁ କାହାଣୀ ଭିତରର କଥାକୁ ବୁଝିବା କଷ୍ଟ ହୋଇପାରେ।

**ଯୋଗ୍ୟତା ପରଖୁ ପରଖୁ ପାଲଟିଲି ଔପନ୍ୟାସିକ:** ଉପନ୍ୟାସ ଲେଖିବାବେଳେ ଚରିତ୍ର ଓ ପ୍ରତି ସିନ୍‌କୁ ଟିକିନିଖି ଏଭଳି ବର୍ଣ୍ଣନା କରିବାକୁ ହୁଏ ଯେମିତିକି ପାଠକ ପଢ଼ିବା ବେଳେ ଚରିତ୍ର, ତା’ର ଅନ୍ତରର କଥା ସହ ପାରିପାର୍ଶ୍ୱିକ ସ୍ଥିତିକୁ ଅନୁଭବ କରିପାରିବେ ଓ ସେଥିରେ ହଜିଯିବେ। ତେଣୁ ଉପନ୍ୟାସ ଲେଖିବା କଷ୍ଟକର। ତଥାପି ଉପନ୍ୟାସରୁ ହିଁ ମୁଁ ମୋ ଲେଖକ ଜୀବନ ଆରମ୍ଭ କଲି। କାରଣ ମୁଁ ମୋ ଯୋଗ୍ୟତାକୁ ପରଖୁଥିଲି ଯେ, ମୁଁ ଲେଖି ପାରିବି ନା ନାହିଁ। ଆଉ ଲେଖୁ ଲେଖୁ ଉପନ୍ୟାସ ଲେଖିଦେଲି।

**ଆର୍କିଟେକ୍ଟ ସହ ଔପନ୍ୟାସିକର ଯାତ୍ରା:** ଏବେ ମୁଁ କଟକ, ‘ପିଲୁ ମୋଦି କଲେଜ ଅଫ୍ ଆର୍କିଟେକ୍ଚର’ରେ ଆର୍କିଟେକ୍ଚର ବିଭାଗର ଚତୁର୍ଥ ବର୍ଷରେ ପଢ଼ୁଛି। ଭବିଷ୍ୟତରେ ଜଣେ ଭଲ ଆର୍କିଟେକ୍ଟ ହେବା ସହ ଲେଖାଲେଖି ବି ଜାରି ରଖିବି। କାରଣ ଉଭୟ କାମ ବେଶ୍ ସୃଜନଶୀଳ। ଆଉ ସୃଜନଶୀଳତାକୁ ମୁଁ ଭଲ ପାଏ।

–ଶିବାନୀ ମହାନ୍ତି

# ମା’ ପାଇଁ ପୁଅ ଖୋଳିଲା କୁଅ

ମୁମ୍ବାଇଠାରୁ ୧୨୦ କି.ମି. ଦୂର ପାଲଘରର କେଲୱେ ଗାଁରେ ବହୁ ବର୍ଷ ଧରି ପାଣିର ବହୁତ ସମସ୍ୟା ରହିଆସିଛି। ଏଠାରେ ପାଣି ପାଇଁ ନଦୀ ଏକମାତ୍ର ସାହା ଭରସା। ଏବେ ଏହି ନଦୀର ଜଳସ୍ତର ବି ବହୁତ କମି ଗଲାଣି। ତଥାପି ଗାଁ ମହିଳାମାନେ କିଲୋମିଟର କିଲୋମିଟର ରାସ୍ତା ଚାଲି ଚାଲି ଯାଇ ନଦୀରୁ ପାଣି ଆଣନ୍ତି। ଏହି ଗାଁର ନବମ ଶ୍ରେଣୀରେ ପଢ଼ୁଥିବା ପ୍ରଣବ ରମେଶ ସାଲକର୍ ନାମକ ଏକ ୧୪ ବର୍ଷୀୟ ପିଲାର ମା’ ବି ଉକ୍ତ ନଦୀକୁ ଚାଲି ଚାଲି ପାଣି ଆଣିବାକୁ ଯାଆନ୍ତି। ମା’ଙ୍କର ଏଭଳି କଷ୍ଟ ଦେଖି ପ୍ରଣବ ସହି ପାରୁ ନ ଥିଲା। ଶେଷରେ ସେ ନିଷ୍ପତ୍ତି ନେଲା ନିଜ ଘର ପାଖରେ ହିଁ ଏକ କୁଅ ଖୋଳିବ। ମା’ ପ୍ରଥମେ ପ୍ରଣବର ଏହି କାମକୁ ପିଲାଳିଆମୀ ଭାବୁଥିଲେ। ହେଲେ ପ୍ରଣବ ଲଗାତାର ଖୋଳି ୫ ଫୁଟ୍ ଗଭିରତା ପର୍ଯ୍ୟନ୍ତ ଖୋଳି ଦେଲା। ମା’ ବୁଝିଗଲେ ଯେ, ପ୍ରଣବ ମଜା କରୁ ନ ଥିଲା। ଏକଥା ଗାଁ ସାରା ପ୍ରଚାର ହୋଇଗଲା। ଲଗାତାର ୪ ଦିନ ଖୋଳି ସେ ୧୫ ଫୁଟ କୁଅ ଖୋଳିଦେଲା। ଆଉ ଶେଷରେ ପାଣିର ଉତ୍ସ ବି ବାହାରିଲା। ପ୍ରଣବର ଏଭଳି ମା’ ପ୍ରତି ଭଲ ପାଇବା ଓ ସାହସ ଏବେ ଚର୍ଚ୍ଚାର ବିଷୟ ପାଲଟିଛି।








**ସୂଚନା**
ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ: ମିଟୁ ଫ୍ୟାଶନ ଫଟୋଗ୍ରାଫୀ

## ହାଃ ହାଃ

### ଭ୍ରମ
ଶିକ୍ଷକ ପପୁଙ୍କୁ: ସତ୍ୟ ଓ ଭ୍ରମ ଭିତରେ ଫରକ କହିଲୁ।
ପପୁ: ଆପଣ ପଢ଼ାଉଛନ୍ତି ଏହା ସତ୍ୟ। ହେଲେ ଆମେ ଯେ ତାକୁ ଶୁଣୁଛୁ ତାହା ଆପଣଙ୍କ ଭ୍ରମ।

### ସଫେଇ
ଗ୍ରାହକ ହୋଟେଲରେ ପ୍ରବେଶ କରୁ କରୁ ହୋଟେଲ ମାଲିକଙ୍କୁ: ଆପଣଙ୍କର ଏଠି ସଫେଇ ପ୍ରତି ବହୁତ ଧ୍ୟାନ ଦିଆଯାଉଛି।
ମାଲିକ ଖୁସି ହୋଇ: ଧନ୍ୟବାଦ। ହେଲେ ଆପଣ ଭିତରକୁ ନ ଯାଉଣୁ ଏକଥା କେମିତି ଜାଣିଲେ ?
ଗ୍ରାହକ: କାରଣ ମୁଁ ଆପଣଙ୍କ ହୋଟେଲ ଗେଟ୍ ଭିତରେ ପଶୁ ପଶୁ କେହି ଜଣେ ମୋ ପକେଟ୍ ସଫା କରିଦେଲା।

### ବିନ୍ଦି
ଶାଶୁ ମଡର୍ନ ବୋହୂକୁ: ମୁଁ କେତେଥର କହିଛି ବାହାରକୁ ଗଲାମାନେ ବିନ୍ଦି ଲଗେଇବୁ।
ମଡର୍ନ ବୋହୂ: ମା', ଜିନ୍ସରେ କ'ଣ କିଏ ବିନ୍ଦି ଲଗାଏ ?
ଶାଶୁ: ମୁଁ କେତେବେଳେ କହିଲି ଜିନ୍ସରେ ବିନ୍ଦି ଲଗାଇବାକୁ ? ମୁଁ ତ କହୁଛି କପାଳରେ ଲଗେଇବୁ।

**ଅପୂର୍ବ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ଜାଗେଶ୍ୱର ଧାମ ହେଉଛି ଉତ୍ତରାଖଣ୍ଡର ଅଲମୋରା ଜିଲା ଅନ୍ତର୍ଗତ ଏକ ପବିତ୍ରମୟ ସ୍ଥଳୀ। ଏହି ଧାମରେ ଶ୍ରଦ୍ଧାଳୁ ଅନେକ ଛୋଟ ବଡ଼ ମନ୍ଦିର ଥିବାର ଦେଖିବାକୁ ପାଇପାରିବେ...**



## ପବିତ୍ରସ୍ଥଳୀ

# ଜାଗେଶ୍ୱର ଧାମ

ଉତ୍ତରାଖଣ୍ଡର ଅଲମୋରା ଜିଲାଠାରୁ ପ୍ରାୟ ୩୬ କି.ମି ଦୂରରେ ରହିଛି ଏହି ଜାଗେଶ୍ୱର ଧାମ। ଏହି ଧାମରେ ଛୋଟବଡ଼ ହୋଇ ଅନେକ ମନ୍ଦିର ଥିବାର ଦେଖିବାକୁ ମିଳିଥାଏ। ତନ୍ମଧ୍ୟରୁ ଅଧିକାଂଶ ମନ୍ଦିରରେ ଦେବ ଦେବ ମହାଦେବଙ୍କୁ ପୂଜା କରାଯାଉଥିବାବେଳେ ଅନ୍ୟ ମନ୍ଦିରମାନଙ୍କରେ ଭଗବାନ ବିଷ୍ଣୁ, ଦେବୀ ମାତା, ସୂର୍ଯ୍ୟ ଦେବତା ତଥା ଅନ୍ୟାନ୍ୟ ଦେବଦେବୀଙ୍କୁ ଉପାସନା କରାଯାଇଥାଏ। ଖାସ୍ ସେଥିପାଇଁ ବର୍ଷକ ବାରମାସ ଏଠାରେ ଶ୍ରଦ୍ଧାଳୁଙ୍କର ଗହଳି ଦେଖିବାକୁ ମିଳିଥାଏ।

**ମନ୍ଦିରକୁ ନେଇ ଲୋକକଥା**

ପୁରାଣ ଶାସ୍ତ୍ର ଅନୁଯାୟୀ, ଏହି ପବିତ୍ର ସ୍ଥାନରେ କୁଆଡ଼େ ଭଗବାନ ଶିବ ଓ ସପ୍ତଋଷି ତପସ୍ୟା କରିଥିଲେ। ସେଥିପାଇଁ ଏହି ସ୍ଥାନର ମାହାତ୍ମ୍ୟ ବେଶ୍ ଉଚ୍ଚକୋଟୀର। କୁହାଯାଏ, ପ୍ରାଚୀନ କାଳରେ ଏହି ଜାଗେଶ୍ୱର ଧାମରେ ଯିଏ ଯାହା ମନୋସ୍କାମନା କରୁଥିଲେ ତାଙ୍କୁ ଠିକ୍ ସେହି ରୂପରେ ଫଳପ୍ରାପ୍ତି ହେଉଥିଲା ; ଯେଉଁଥିପାଇଁ ଅନେକେ ସେହି ଆଶୀର୍ବାଦର ଦୂରୁପୋଯୋଗ କରିବାକୁ ମଧ୍ୟ ପଛାଉ ନଥିଲେ। ଖାସ୍ ସେହି କାରଣ ପାଇଁ ଆଦି ଶଙ୍କରାଚାର୍ଯ୍ୟ କୁଆଡ଼େ ଏହି ସ୍ଥାନକୁ ଆସି ଉକ୍ତ ଅଘଟଣକୁ ରୋକିବାକୁ ଏଠାରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଇଥିଲେ ବୋଲି ସୂଚନା ରହିଛି। ଆଉ ସେବେଠାରୁ ଏଠାରେ ଯେଉଁ ବ୍ୟକ୍ତି ନିଃସ୍ୱାର୍ଥପର ହୋଇ ନିଜ ମନରେ ସର୍ବମଙ୍ଗଳକାରୀ ମନୋସ୍କାମନା ରଖି ପ୍ରଭୂଙ୍କୁ ଡାକୁଛନ୍ତି କେବଳ ତାଙ୍କରି ହିଁ ଇଚ୍ଛା ପୂରଣ ହେଉଛି।

**ମନ୍ଦିରର କାରୁକାର୍ଯ୍ୟ**


ନାଗରା ଶୈଳୀରେ ନିର୍ମିତ ହୋଇଥିବା ଏଠାକାର ମନ୍ଦିରଗୁଡ଼ିକର ଅପୂର୍ବ ଶୋଭା ଦେଖିବାକୁ ଅତ୍ୟନ୍ତ ମନୋରମ ହୋଇଥାଏ। ବାସ୍ତୁକଳା ପାଇଁ ପ୍ରସିଦ୍ଧି ଲାଭ କରିଥିବା ଏହି ଧାର୍ମିକ ପୀଠକୁ ଖାସ୍ କରି ଭଗବାନ ଶିବଙ୍କ ତପସ୍ଥଳୀ ବୋଲି କୁହାଯାଇଥାଏ। ସୂଚନାନୁଯାୟୀ, ଏହି ଧାର୍ମିକ ପୀଠରେ କୁଆଡ଼େ ଛୋଟ ବଡ଼ ହୋଇ ପ୍ରାୟ ୨୦୦ଟି ମନ୍ଦିର ଥିବାର ଦେଖିବାକୁ ମିଳେ ; ଯେଉଁଥିରୁ ଅଧିକାଂଶ ମନ୍ଦିରରେ ଦେବ ଦେବ ମହାଦେବଙ୍କ ଲିଙ୍ଗ ଥିବାର ଦେଖିବାକୁ ମିଳେ। ସେଥିପାଇଁ ଏଠାରେ ପ୍ରାୟତଃ ଶିବଭକ୍ତଙ୍କର ଭିଡ଼ ଦେଖିବାକୁ ମିଳେ। ତା'ଛଡ଼ା ଏଠାରେ ଥିବା ବିନାୟକ କ୍ଷେତ୍ର, ପୁଷ୍ଟି ଦେବୀ ବା ପୁଷ୍ଟି ଭଗବତୀ ମା'ଙ୍କ ମନ୍ଦିର ହେଉଛି ଅନ୍ୟତମ ଦୁଇ ପବିତ୍ରପୀଠ।

**ଆଉ କ'ଣ ଦେଖିବେ**

ଜାଗେଶ୍ୱର ଧାମର ନିକଟବର୍ତ୍ତୀ ଅଞ୍ଚଳରେ ଥିବା ଆର୍କିଓଲୋଜିକାଲ ମ୍ୟୁଜିୟମ୍‌କୁ ବି ପର୍ଯ୍ୟଟକ ବୁଲି ଦେଖିପାରିବେ। ସେହିପରି ଜଟ ଗଙ୍ଗା, ସାମ୍ ଗଙ୍ଗା, ଐରାବତ ଗୁମ୍ଫା, ବ୍ରହ୍ମ କୁଣ୍ଡ, ଶ୍ରୀ କୁବେର ମନ୍ଦିର, ବଟୁକ ଭୈରବ ମନ୍ଦିର, ଗୋଲୁ ଦେବତା, ପାତାଳ ଭୂବନେଶ୍ୱରୀ ଗୁମ୍ଫା ହେଉଛି ଏଠାକାର ଅନ୍ୟତମ କେତୋଟି ଦର୍ଶନୀୟ ସ୍ଥାନ।



**କେବେ ଓ କେମିତି ଯିବେ:** ବର୍ଷର ସବୁ ସମୟରେ ଏଠାକୁ ଯିବାର ସୁବିଧା ଥିଲେ ହେଁ, ବିଶେଷକରି ମହାଶିବରାତ୍ରୀ ସମୟରେ ଏଠାରେ ଭକ୍ତଙ୍କର ଭିଡ଼ ପ୍ରବଳ ହୋଇଥାଏ ବୋଲି ସୂଚନା ରହିଛି। ସେହିପରି ଏହି ଧାମକୁ ଯିବା ପାଇଁ ଗମନାଗମନର ବି ବେଶ୍ ସୁବିଧା ରହିଛି। ଅଲମୋରା, ହଲଦ୍ୱାନୀ, ପିଥୋରାଗଡ଼ ତଥା କାଠଗୋଦାମ ଦେଇ ଏହି ଜାଗେଶ୍ୱର ଧାମକୁ ଯାଇହେବ। ପ୍ରଥମେ ରେଳମାର୍ଗ ଦେଇ କାଠଗୋଦାମରେ ପହଁଞ୍ଚି ସେଠାରୁ ଟାଉନ୍ ବସ୍ ହେଉ ଅବା ଟ୍ୟାକ୍ସି ଦ୍ୱାରା ଆରାମରେ ଯାଇ ଜାଗେଶ୍ୱର ଧାମରେ ପହଁଞ୍ଚିହେବ। କାଠଗୋଦାମ ରେଳଷ୍ଟେଶନଠାରୁ ପ୍ରାୟ ୧୨୫ କି.ମି ଦୂରରେ ରହିଛି ଏହି ଜାଗେଶ୍ୱର ଧାମ।



# ଶାମ୍ପୁ

**କେଶ ଧୋଇବା ଲାଗି ଘରେ ଘରେ ଶାମ୍ପୁର ବ୍ୟବହାର ହେଉଛି। ତେଣୁ ଗ୍ରାହକଙ୍କ ଆବଶ୍ୟକତା ଅନୁସାରେ ବଜାରରେ ବିଭିନ୍ନ ବ୍ରାଣ୍ଡର ଶାମ୍ପୁ ବିକ୍ରି ହେଉଛି। ତେବେ କେବେ ଭାବିଛନ୍ତି ଏହି ଶାମ୍ପୁ କେବେ ଓ କେଉଁଠି ପ୍ରଥମେ ଆରମ୍ଭ ହୋଇଥିଲା...**





'ଶାମ୍ପୁ' ନାଁରୁ ଭାବୁଥିବେ ଏହା ଏକ ଇଂରାଜୀ ଶବ୍ଦ। ତେବେ ପ୍ରକୃତ କଥା ହେଉଛି ଏହି ଶବ୍ଦଟି 'ଚମ୍ପୋ' ବ 'ଚମ୍ପି'ରୁ ଉଦ୍ଧୃତ। 'ଚମ୍ପୋ' ଶବ୍ଦଟି ସଂସ୍କୃତ ଶବ୍ଦ 'ଚପତି'ରୁ ଆସିଛି। ଯାହାର ଅର୍ଥ ହେଉଛି ମାଲିସ୍ କରିବା। ପୂର୍ବେ ଭାରତୀୟମାନେ ବିଭିନ୍ନ ପ୍ରକାରର ଆୟୁର୍ବେଦିକ ଜିନିଷକୁ ମୁଣ୍ଡ ସଫା କରିବା ଲାଗି ବ୍ୟବହାର କରୁଥିଲେ। ଯେମିତିକି ରିଠାକୁ ବତୁରାଇ କେଶ ସଫା କରିବା। ଏମିତିରେ ତ ବିଭିନ୍ନ ସୌନ୍ଦର୍ଯ୍ୟ ପ୍ରସାଧନ ସାମଗ୍ରୀ ମିଶରରେ ଉଦ୍ଭାବନ ହୋଇଥିଲା। ହେଲେ ଏହି ଶାମ୍ପୁର ବ୍ୟବହାର ଭାରତରେ ପ୍ରଥମେ ଆରମ୍ଭ ହୋଇଥିବା ତଥ୍ୟ କହେ। ଆଉ ପ୍ରଥମେ ଶାମ୍ପୁ ବ୍ୟବହାର ସିନ୍ଧୁ ସଭ୍ୟତାରେ ହୋଇଥିବା କିଛି ପ୍ରମାଣରୁ ଜଣାପଡ଼େ। ପୂର୍ବେ ଭାରତରେ ରିଠା, ସୁଖିଲା ଅଁଳା ଓ ଅନ୍ୟାନ୍ୟ ପ୍ରାକୃତିକ ଚେରମୂଳିକୁ ଶିଝାଇ ଶାମ୍ପୁ ପ୍ରସ୍ତୁତ କରାଯାଉଥିଲା। ଇଂରେଜମାନେ ଯେବେ ଭାରତ ଆସିଲେ ସେମାନଙ୍କ ନଜର ଏହା ଉପରେ ପଡ଼ିଥିଲା। ଆଉ ଏହାକୁ ବ୍ୟବହାର କରି ସେମାନେ ଅନେକ ଉପଶମ ପାଇଲେ। ତେଣୁ ସେମାନେ ଏହାକୁ ନିଜ ଦେଶକୁ ନେଇଗଲେ। ଆଉ ଏହାକୁ ସେତେବେଳେ ସେଠାକାର ରାଜା ମହାରାଜା ଓ ଧନୀକ ବ୍ୟକ୍ତି ହିଁ ବ୍ୟବହାର କଲେ। ସାଧାରଣ ଲୋକଙ୍କ ପାଇଁ ଏହା ନ ଥିଲା। ଏହାବାଦ ଶେକ୍ ଦିନ ମହମ୍ମଦ ଯେକି ଜଣେ ବଙ୍ଗୀୟ ଟ୍ରାଭେଲର୍, ସର୍ଜନ ଓ ଏଣ୍ଟରପ୍ରେନ୍ୟୁର ସେ ବ୍ରିଟେନରେ ଶାମ୍ପୁ କରିବା ପ୍ରଣାଳୀ ପ୍ରାରମ୍ଭ କରାଇଥିବା କୁହାଯାଏ। ୧୮୧୪ରେ ମହମ୍ମଦ ନିଜ ପତ୍ନୀଙ୍କ ସହ ମିଶି ଇଂଲଣ୍ଡରେ ପ୍ରଥମ କମର୍ସିଆଲ ଶାମ୍ପୁଇଂ ଭାପର୍ ମସାଜ ବାଥ ଆରମ୍ଭ କରିଥିଲେ। ୟୁରୋପରେ ଶାମ୍ପୁର ପ୍ରାରମ୍ଭିକ ସମୟରେ ସାବୁନ୍‌କୁ ପାଣିରେ ବତୁରାଇ ସେଥିରେ ଚେରମୂଳି ପକାଇ ପ୍ରସ୍ତୁତ କରାଯାଉଥିଲା। ବିଂଶ ଶତାବ୍ଦିରୁ ଶାମ୍ପୁର ବ୍ୟବସାୟୀକରଣ ଆରମ୍ଭ ହେଲା। ଆଉ ୧୯୧୪ରେ ଆମେରିକୀୟ ମାଗାଜିନ୍‌ରେ ଏକ ହ୍ରଦରେ ଜଣେ ମହିଳା 'କାନ୍ଥ୍ରକ୍ସ' ଶାମ୍ପୁକୁ କେଶରେ ଲଗାଉଥିବାର ଫଟୋ ବିଜ୍ଞାପନଭାବେ ସ୍ଥାନ ପାଇଥିଲା। ୧୯୦୦ ମସିହାରେ ଜର୍ମାନୀର ପରଫ୍ୟୁମ ପ୍ରସ୍ତୁତକାରୀ ଓ ହେୟାର ଷ୍ଟାଇଲିଷ୍ଟ ଯୋଶେଫ ୱିଲହେଲ୍ମ ରସ୍କ ପ୍ରଥମ ଲିକ୍ୱିଡ ହେୟାର ୱାଶିଂ ଶୋପ୍ ତିଆରି କରିଥିଲେ। ଆଉ ତାର ନାଁ ଦେଇଥିଲେ 'ଚମ୍ପୁଇଂ'। ୧୯୨୭ରେ ମାସ୍ ପ୍ରଡ଼କ୍ସନ ପାଇଁ ଲିକ୍ୱିଡ ଶାମ୍ପୁରେ ଆଉ କିଛି ବିକାଶ କରାଯାଇଥିଲା।

ପ୍ରକୃତରେ କହିବାକୁ ଗଲେ ସାବୁନ ଓ ଶାମ୍ପୁ ଦୁଇଟିଯାକ ପ୍ରାୟତଃ ଏକାପରି। ଉଭୟରେ ସର୍ଫାକ୍ଟାଣ୍ଟସ୍ ଅଛି। ଯାହାକି ଏକପ୍ରକାରର ଡିଟରଜେଣ୍ଟ। ଆଧୁନିକ ଶାମ୍ପୁ ବା ଯାହା ଆମେ ଏବେ ବ୍ୟବହାର କରୁଛେ ତାହା ୧୯୩୦ରେ 'ଡ୍ରେନେ' ଶାମ୍ପୁରୁ ଆରମ୍ଭ ହୋଇଥିଲା। ଏହି ଡ୍ରେନେ ନାମକ ଶାମ୍ପୁ ହେଉଛି ପ୍ରଥମ ଶାମ୍ପୁ ଯେଉଁଥିରେ ସାବୁନ ବଦଳରେ ସିନ୍ଥେଟିକ ସର୍ଫାକାଣ୍ଟ ବ୍ୟବହାର ହୋଇଥିଲା।



# କଣ୍ଢେଇଙ୍କ ଗାଁ



**ସା**ରା ପୃଥିବୀରେ ଅନେକ ଅଜବ ଅଜବ ଗାଁ ଅଛି। କେଉଁ ଗାଁର ଭିନ୍ନ ସଂସ୍କୃତି, ପରମ୍ପରା ତାକୁ ଅଜବ କରାଏ ତ କେଉଁ ଗାଁର ଅଜବ ପୋଷାକ ପରିପାଟି ତାକୁ ନିଆରା କରାଏ। ତେବେ ଆମେ ଏଠାରେ ଯେଉଁ ଗାଁ କଥା କହୁଛୁ ସେ ଗାଁକୁ ପଶିଗଲେ ପ୍ରଥମେ ତ ଭାରି ଡ଼ର ଲାଗିବ। କାରଣ ଯେଉଁଆଡେ ଆଖି ବୁଲାଇବେ ଅନେକ ପ୍ରକାରର କଣ୍ଢେଇ ଭିନ୍ନ ଭିନ୍ନ ଭଙ୍ଗୀରେ ଦେଖିବାକୁ ମିଳିବେ। ଲାଗିବ ସତେ ଯେମିତି ଏଠାକାର ସବୁଲୋକ କଣ୍ଢେଇ ପାଲଟି ଯାଇଛନ୍ତି। ଏହି ଅଜବ ଗାଁଟି ଜାପାନର ଶିକୋକୁ ଦ୍ୱୀପରେ ଅଛି। ଯାହାର ନାଁ 'ନାଗୋରୋ' ଅଟେ। ହେଲେ ଏହି ଗାଁକୁ ସମସ୍ତେ କଣ୍ଢେଇ ଗାଁଭାବେ ଅଧିକ ଜାଣନ୍ତି। କାରଣ ଏହି ଗାଁର ଜନସଂଖ୍ୟା ହେଉଛି ମାତ୍ର ୩୦। ହେଲେ କଣ୍ଢେଇ ସଂଖ୍ୟା ୩୦୦। ଏଠାକାର ଦୋକାନ, ବସ୍‌ଷ୍ଟପ୍, କ୍ଷେତ ସବୁଜାଗାରେ ମଣିଷ କମ୍ କଣ୍ଢେଇ ଅଧିକ ଦେଖିବାକୁ ମିଳନ୍ତି। ତେବେ ଏହି ଗାଁ କଣ୍ଢେଇମୟ ହେବାପଛରେ ବି ଏକ ରୋଚକ କଥା ଅଛି। ମାତ୍ର ୧୦ ବର୍ଷ ହେବ ଉକ୍ତ ଗାଁ କଣ୍ଢେଇ ଗାଁ ପାଲଟିଛି। ପ୍ରଥମେ ଏହି ଗାଁରେ ବହୁତ ଲୋକ ରହୁଥିଲେ। ହେଲେ କ୍ରମେ କାମର ସନ୍ଧାନରେ ସେମାନେ ଗାଁ ଛାଡିବାକୁ ଲାଗିଲେ। ଯଦ୍ୱାରା ବହୁତ କମ୍ ଲୋକ ଗାଁରେ ରହିଲେ। ଗାଁ ଖାଁ ଖାଁ ଲାଗିଲା। ଏମିତିରେ ଜଣେ ବୃଦ୍ଧା ମହିଳା ମଣିଷ ଆକାରର କଣ୍ଢେଇ ତିଆରି କରିବା ଆରମ୍ଭ କଲେ। ଆଉ ସେସବୁକୁ ଗାଁର ବିଭିନ୍ନ ସ୍ଥାନରେ ରଖିଲେ। ଯଦ୍ୱାରାକି ଏକେଲାପଣ ଟିକେ କମିବ। ଆଉ ସେଇୟା ହେଲା। ଗାଁ ପୁରିଲା ପୁରିଲା ଲାଗିଲା। ଲୋକେ ଏକୁଟିଆ ଅନୁଭବ କଲେ ଏହି କଣ୍ଢେଇ ପାଖରେ ବସି କଥା ହେଲେ।



## କଥା ଚାଟ୍

ଓଁ ଅଭିଜ୍ଞାନ ସାହୁ

# ବିଦଗ୍ଧ ଫଳ

ଆଜିକାଲି ବିଭିନ୍ନ ଜିନିଷର ଜିଆଇ ଟ୍ୟାଗ୍ ପାଇଁ ଯେପରି ତତ୍ପରତା ଦେଖାଯାଉଛି ସେପରି ଆଗରୁ ଦେଖି ନ ଥିଲୁ। ଆମ ଜିନିଷକୁ ଯଦି କେହି ତାଙ୍କର ବୋଲି କହିଦିଏ ତେବେ ଖରାପ ଲାଗିବା ସ୍ୱାଭାବିକ। ତେଣିକି ସେ ନିଜ ଛୁଆ ହେଉ କି ବାରି ଭେଣ୍ଡି। ଆମ ଓଡ଼ିଆମାନଙ୍କ ଏହି 'ଆମର' 'ତୁମର' ପ୍ରମାଣପତ୍ର ଯୋଗାଡ଼ କରିବାରେ ବିଳମ୍ବ ହେତୁ ଆଜି ଆମର ଅନେକ ଜିନିଷକୁ ଅନ୍ୟମାନେ ତାଙ୍କର ବୋଲି ଦାବି କରୁଛନ୍ତି । ବିଳମ୍ବ ହେଲେ ବି ଏବେ ଓଡ଼ିଆମାନେ ନିଜର ଅସ୍ମିତା ପ୍ରତି ସଚେତନ ହେଲେଣି। ଓଡ଼ିଆମାନଙ୍କ ନିଜର ବାଇଗଣ ଅଛି ବୋଲି ସରକାରୀ ଭାବେ ପ୍ରମାଣପତ୍ର ପାଇଲା ପରେ ଏବେ ଓଡ଼ିଆ ବାଇଗଣ ମୂଲ୍ୟ ଦଶ ଟଙ୍କା ବୃଦ୍ଧି ପାଇଛି। ଏଇ ବାହାନାରେ ଚାଷୀମାନେ ତ ଉପକୃତ ହେବେ। ଏହା ଦେଖାଦେଖି ଆଉ କିଛି ଚାଷୀ ସଂଗଠନ ଅନ୍ୟ କିଛି ପରିବାର ବୈଶିଷ୍ଟ୍ୟ ଖୋଜି ବାରେ ଲାଗିଲେଣି। ଗତକାଲି ଅଲ୍ ଓଡ଼ିଶା ଆତ ଉତ୍ପାଦନକାରୀ ସଂଘ ତରଫରୁ ଏକ ଜରୁରୀ ସଭା ବସିଥିଲା। ତାଙ୍କ ଅନୁଯାୟୀ ଆତ ଖାଣ୍ଟି ଓଡ଼ିଆ ଫଳ ହେଇଥିଲେ ବି ଏଯାଏଁ ଏହାକୁ ଜିଆଇ ଟ୍ୟାଗ୍ ମିଳିନି। ବାଇଗଣ ଓ କାଇ ପିମ୍ପୁଡ଼ି ଚଟଣିକୁ ମାନ୍ୟତା ମିଳିଗଲା। ହେଲେ ଓଡ଼ିଆ ଅସ୍ମିତାର ପରିଚୟ ଆତ ବା ସିତାଫଳକୁ ମାନ୍ୟତା ନ ମିଳିବା କ୍ଷୋଭର ବିଷୟ। ସଭାର ସମ୍ମାନିତ ଅତିଥି ବିଶିଷ୍ଟ ସଂସ୍କୃତି ଗବେଷକ ଡ. ଅମିତ୍ ମହନ୍ତ କହିଲେ, ଭାରତର ପ୍ରାଚୀନ ଗ୍ରନ୍ଥମାନ ଉଣ୍ଡାଳିଲେ ଜଣାପଡ଼େ ଏହାକୁ ଆଗେ ସିତାଫଳ କହୁଥିଲେ। ସମ୍ଭବତଃ ମୋଗଲମାନଙ୍କ ଭାରତ ପ୍ରବେଶ ପରେ ଏହାର ନାମ 'ସିତାଫଳ'ରୁ 'ଆତ' ହୋଇଗଲା। ବିଭିନ୍ନ ପୂଜା ପାର୍ବଣରେ ଏହି ଫଳ ବ୍ୟବହୃତ ହେବାର ପ୍ରମାଣ ପ୍ରାଚୀନ ଓଡ଼ିଆ କର୍ମକାଣ୍ଡ ବହିରେ ଉଲ୍ଲେଖ ଅଛି। ମୁଖ୍ୟ ଅତିଥି ବିଶିଷ୍ଟ ଗବେଷକ ଶ୍ରୀଯୁକ୍ତ ଶ୍ରୀବଲ୍ଲଭ ମହାନ୍ତି କହିଲେ, ମାଦଳା ପାଞ୍ଜିର ପ୍ରଥମ ସଂସ୍କରଣରେ ମଧ୍ୟ 'ଆତ' ଶବ୍ଦର ବ୍ୟବହାର ହୋଇଛି। ବିଶ୍ୱର ଅନେକ ଜାଗାରେ ଆତ ଫଳର ଆଦର ଅଛି। ଇସ୍ରାଏଲରେ ଏହାକୁ ଆସ୍ତ କହୁଥିବା ବେଳେ ଇଣ୍ଡୋନେସିଆ ଓ ଫିଲିପାଇନ୍ସରେ ଆତିଶ ବୋଲି କୁହନ୍ତି। ଜର୍ମାନ୍ ଓ ପୋଲାଣ୍ଡ ଭଳି ଦେଶରେ ମଧ୍ୟ ସିତାଫଳ କୁହନ୍ତି। ଏଥିରୁ ଏହା ପ୍ରମାଣିତ ପୂର୍ବକାଳରେ ଓଡ଼ିଆ ସାଧବମାନେ ବିଭିନ୍ନ ଦେଶକୁ ବଣିଜ କରିବାକୁ ଗଲାବେଳେ ସାଙ୍ଗରେ ଓଡ଼ିଶାରୁ ଆତକୁ ସାମିଲ କରିଥିଲେ। କାଳକ୍ରମେ ସେ ସବୁଦେଶରେ ଏହାର ଆଦର ବଢ଼ିବା ସହ ସେଠାରେ ଆତକୁ ଚାଷ କରାଗଲା। ବିଦେଶରେ ଓଡ଼ିଶାର ଫଳକୁ ପ୍ରସିଦ୍ଧ କରିଥିବାରୁ ଏହାକୁ ସରକାର ଅତିଶୀଘ୍ର ଜିଆଇ ମାନ୍ୟତା ପ୍ରଦାନ କରନ୍ତୁ। ଅନ୍ୟତମ ଅତିଥି ଖ୍ୟାତନାମା କବୟିତ୍ରୀ ଶ୍ରୀମତୀ ସତ୍ୟଭାମା ଖାଡ଼ଙ୍ଗା ଶ୍ରୀଯୁକ୍ତ ମହାନ୍ତିଙ୍କ କଥାକୁ ଆଉ ଟିକେ ଆଗେଇ ନେଇ କହିଲେ, ଆପଣମାନେ ଜାଣନ୍ତି ଆତ ହେଲା ମଞ୍ଜିମୟ। ମଞ୍ଜି ଅର୍ଥାତ୍ ବୀଜ। ସ୍ରଷ୍ଟା ସର୍ବପ୍ରଥମେ ବୀଜ ସୃଷ୍ଟି କଲେ। ବୀଜରୁ ବ୍ରହ୍ମାଣ୍ଡର ସୃଷ୍ଟି। ସ୍ରଷ୍ଟା ଯେତେବେଳେ ସ୍ୱର୍ଗରୁ କିଛି ବୀଜବହୁଳ ଫଳର ମଞ୍ଜିକୁ ପୃଥିବୀ ପୃଷ୍ଠରେ ବିଞ୍ଚିବା ଆରମ୍ଭକଲେ ସେତେବେଳେ ଆତ ମଞ୍ଜି ଓଡ଼ିଶାରେ ପଡ଼ିଥିଲା। ତେଣୁ ସୃଷ୍ଟିର ବୟସ ଯେତିକି ଓଡ଼ିଶାରେ ଆତର ଇତିହାସ ସେତିକି। ଏତିକିବେଳେ ଶ୍ରୀଯୁକ୍ତ ଶ୍ରୀବଲ୍ଲଭ ସାର୍ କବୟିତ୍ରୀଙ୍କ ବକ୍ତବ୍ୟକୁ ପ୍ରାମାଣିକ ତଥ୍ୟ ଯୋଗେଇବାକୁ ଯାଇ କହିଲେ, ଅନେକ ବର୍ଷ ପୂର୍ବେ ମୋ ଘର ପଛପଟେ ନୂତନ ଗୃହ ନିର୍ମାଣ ପାଇଁ ନିଅଁ ଖୋଳୁଥିବା ବେଳେ ବହୁ ପୁରାତନ ପୋଥି ପାଇଥିଲି। ପରେ ଅନୁସନ୍ଧାନରୁ ଜଣାପଡିଲା ଏହା ସତ୍ୟଯୁଗର ମୁନି ଋଷିମାନଙ୍କ ଦ୍ୱାରା ଲିଖିତ ପୋଥି। ସେଥିରେ ବ୍ରହ୍ମାଙ୍କ ଦ୍ୱାରା ଆତ ମଞ୍ଜି ଧରିତ୍ରୀକୁ ନିକ୍ଷେପ ବିଷୟରେ ଉଲ୍ଲେଖ ଅଛି। ମୋଗଲମାନଙ୍କ ବହୁ ପୂର୍ବରୁ ଏ ପାବନ ଭୂମିରେ ଆତ ବିରାଜମାନ କରୁଥିଲେ। ତେଣୁ ସିତାଫଳକୁ ମୋଗଲମାନେ ଆତ ନାମକରଣ କରିଦେବା କଥା ଠିକ୍ ନୁହେଁ। ଗବେଷକ ଡ. ମହନ୍ତ ଏ ବିଷୟରେ ଆଉଥରେ ଗବେଷଣା କରନ୍ତୁ। ଏହା ଉପରେ ମୋର ଏକ ଗବେଷଣା ଗ୍ରନ୍ଥ ଅତିଶୀଘ୍ର ପ୍ରକାଶ ପାଉଛି। ସଭାଗୃହରେ ବସିଥିବା ସମସ୍ତ ଶ୍ରୋତାଙ୍କ ଭିତରେ ଏକ ଅଦ୍ଭୁତ ଶିହରଣ ଖେଳିଗଲା। ଓଡ଼ିଶାରେ ଏତେ କଥା ଅଛି !!! ସୃଷ୍ଟିର ଆରମ୍ଭ ଆମ ଓଡ଼ିଶାରୁ ହେଇଥିଲା ଅଥଚ ଏତେ ଦିନ ଧରି ବିଦେଶୀ ଶିକ୍ଷା ଆମକୁ ଆଦାମ ଇଭର କାହାଣୀ ଶୁଣେଇ ଭୁଆଁ ବୁଲାଉଥିଲେ ! ଧିକ୍ ସେ




ଶିକ୍ଷା ବ୍ୟବସ୍ଥାକୁ। ପିଲାଟିଦିନରୁ ଆମେ ଶୁଣିଆସିଛୁ ଯାହା ନାହିଁ ଜଗତେ ତାହା ଅଛି ଭାରତେ, ଯାହା ନାହିଁ ଭାରତେ ତାହା ଅଛି ଉତ୍କଳେ। ଶ୍ରୋତାଙ୍କ ଭାବାବେଗକୁ ଆକଳନ କରି ସଭାପତି ଅନ୍ୟତମ ବରେଣ୍ୟ ଅତିଥି ପ୍ରସିଦ୍ଧ ରଥଯାତ୍ରା ଉଦ୍‌ଘୋଷକ ପଣ୍ଡିତ ବିଶ୍ୱନାଥ ଶର୍ମାଙ୍କୁ ତାଙ୍କ ବକ୍ତବ୍ୟ ରଖିବାକୁ ଅନୁରୋଧ କଲେ। ପଣ୍ଡିତ ଶର୍ମା ପ୍ରଥମେ ଦେବ ବନ୍ଦନା କରି ବକ୍ତବ୍ୟ ଆରମ୍ଭ କଲେ। ଅ ରେ ଆ'କାର– ଆ ଓ ତ ରେ ଅ'କାର ହେଲା ତଅ। ବ୍ୟୁତ୍ପତ୍ତିଗତ ଅର୍ଥରୁ ଦେଖିଲେ ଆତର ଉତ୍ସ ଆତ୍ମାରୁ। ଆତ୍ମା' କିଏ ? ଯିଏ ଆତ୍ମା, ସେ ବ୍ରହ୍ମ। ବ୍ରହ୍ମ କିଏ ? ବ୍ରହ୍ମ ହେଲେ ଭଗବାନ। ଭଗବାନ ଚାରି ଅକ୍ଷର, ଜଗନ୍ନାଥ ଚାରି ଅକ୍ଷର ଓ ଆତର ଅନ୍ୟନାମ ସିତାଫଳ ବି ଚାରି ଅକ୍ଷର। ଅର୍ଥାତ୍ ଆତ ହେଲେ ସ୍ୱୟଂ ଜଗନ୍ନାଥ। ଜଗନ୍ନାଥ ଯେତିକି ପୁରୁଣା ଆତ ସେତିକି ପୁରୁଣା। ବଡ଼ଠାକୁରଙ୍କ ରଥ ଉପରେ ସ୍ଥାପିତ କୁମ୍ଭ ହେଲା ଆତ। ସେ ଆତ ଉପରେ ଦୁଇଟି ଶୁଆ ବସିଛନ୍ତି। କିନ୍ତୁ ତାଙ୍କ ପ୍ରିୟ ଫଳକୁ ଖାଉନାହାନ୍ତି। କାଳେ ଅଣ୍ଟା ବାଜି ପ୍ରଭୁଙ୍କ ଫଳ ମାରା ହେବ ତେଣୁ ଶୁଆ ପଛକୁ ମୁହଁ କରି ଜଗିଛନ୍ତି। ଏହା ହିଁ ମହାନ୍ ଜଗନ୍ନାଥ ସଂସ୍କୃତି। ଅପୂର୍ବ ଏ କାଳିଆ ସାଆନ୍ତଙ୍କ ଲୀଳା। ଏହାପରେ ସଭାପତିଙ୍କ ଅନୁରୋଧକ୍ରମେ ନିମନ୍ତ୍ରିତ ଅତିଥି ବିଖ୍ୟାତ କଥା ପ୍ରବଚକ ବାବା କଣ୍ଟୁରି ପାତ୍ର ତାଙ୍କ ବକ୍ତବ୍ୟରେ ପଣ୍ଡିତ କାଶୀନାଥ ପୂଜାପଣ୍ଡାଙ୍କ ରଚିତ ବିଦଗ୍ଧ ଫଳ ପୁସ୍ତକରୁ ଉଦ୍ଧାର କରି କହିଲେ, ତ୍ରେତୟା ଯୁଗରେ ଭଗବାନ ଶ୍ରୀ ରାମଚନ୍ଦ୍ର ଏକଦା ନିଜର ପ୍ରାଣପ୍ରିୟା ପତ୍ନୀ ମାତା ସୀତାଙ୍କୁ ସାଙ୍ଗରେ ନେଇ ସାନ୍ଧ୍ୟ ଭ୍ରମଣରେ ଯାଉଥିଲେ। ହଠାତ୍ ମାତା ଜଣଙ୍କ ବଗିଚାରେ ଫଳିଥିବା ଏକ ଅଦ୍ଭୁତ ଫଳ ଦେଖିଲେ। ପଚାରନ୍ତେ କେହି ବି ସେ ଅଦ୍ଭୁତ ଫଳର ନାମ କହିପାରିଲେ ନାହିଁ। ମାତା ସୀତା ସେ ଫଳ ଭକ୍ଷଣ କରି ଏହାର ମଧୁର ସ୍ୱାଦରେ ପ୍ରୀତ ହେଲା ପଶ୍ଚାତ୍, ପ୍ରଭୁ ରାମଚନ୍ଦ୍ରଙ୍କୁ ପ୍ରେମାଭିମାନ ଛଳରେ କହିଲେ, ସ୍ୱାମୀ ଆପଣଙ୍କ ନାମ ଅନୁସାରେ ଅନେକ ମନ୍ଦିର, ସେତୁ, ଗ୍ରାମ, ପିଲାଛୁଆଙ୍କ ନାମକରଣ ହୋଇସାରିଲାଣି। ସର୍ବତ୍ର ଆପଣଙ୍କ ଚର୍ଚ୍ଚା କିନ୍ତୁ ରାମାୟଣ ବାଦ୍ ମୋ ଚର୍ଚ୍ଚା ପ୍ରାୟ ଆଉ କୋଉଠି ନାହିଁ। ତେଣୁ ଏ ସୁସ୍ୱାଦୁ ଫଳଟିର ନାମ ମୋ ନାମ ଆନୁସାରେ କରନ୍ତେନି। ପତ୍ନୀବତ୍ସଳ ପ୍ରଭୁ ରାମଚନ୍ଦ୍ର କହିଲେ ଆଜିଠୁ ଏ ଫଳର ନାମ ସିତାଫଳ ହେଲା। ଯୁଗେ ଯୁଗେ ପ୍ରଜାମାନଙ୍କ ଭିତରେ ଏ ଫଳ ସିତାଫଳ ଭାବେ ପରିଚିତ ହେବ। ପ୍ରଜାମାନେ ଯେତେବେଳେ ଏ ଫଳ ଦେଖିବେ ଆଦ୍ୟରେ ତୁମ ନାମ ସ୍ମରଣ କରିବେ। ରସଗ୍ରାହୀ ଭକ୍ତବୃନ୍ଦ ଏଥିରୁ ଆମକୁ ଆଉ ଗୋଟେ ଶିକ୍ଷା ମିଳୁଛି – ସେ ମାନବ ହୁଅନ୍ତୁ କି ସ୍ୱୟଂ ଭଗବାନ ଯୁଗେ ଯୁଗେ ସ୍ୱାମୀମାନେ କେବେବି ପତ୍ନୀଙ୍କ ଅନୁରୋଧକୁ ଅମାନ୍ୟ କରିନାହାନ୍ତି। ସ୍ୱାମୀ ହରେକୃଷ୍ଣ ଦାସଙ୍କ ଆତଓଷା ବ୍ରତ କଥା ବହିରେ ଲେଖାଅଛି, ଦ୍ୱାପର ଯୁଗରେ ପ୍ରଭୁ ମାତା ବୃନ୍ଦାବତୀଙ୍କୁ ଆଶୀର୍ବାଦ ଦେଇ କହିଲେ, କଳିଯୁଗରେ ଯେଉଁ ବନ୍ଧ୍ୟାନାରୀ କାର୍ତ୍ତିକ ମାସରେ ନିତି ସିତାଫଳ ବୃନ୍ଦାବତୀଙ୍କୁ ଅର୍ପଣ କରି ମାନସିକ କରିବ ସେ ନାରୀ ଶରୀରରେ ବୀଜ ଅଂକୁରୋଦ୍‌ଗମ ନିଶ୍ଚେ କରିବ। ତେଣୁ ଭକ୍ତଗଣ ସତ୍ୟ, ତ୍ରେତୟା, ଦ୍ୱାପର ଓ କଳି ଏହି ଚାରିଯୁଗରେ ରସାମୃତ ଆତର ମହିମା ଉଲ୍ଲେଖ ଅଛି। ଏତେବେଳକୁ ସୁଧୀ ଶ୍ରୋତାମଣ୍ଡଳୀଙ୍କ ଓଡ଼ିଆତ୍ୱ ତାତି ପାରଦ ସେପଟେ। ସାରା ସଭାଗୃହ ଜୟ ଓଡ଼ିଶା, ଜୟ ଓଡ଼ିଆ, ଜୟ ଓଡ଼ିଆ ଆତ ଧ୍ୱନିରେ ପ୍ରକମ୍ପିତ ହେଲା। ସେଠାରେ ଉପସ୍ଥିତ ଥିବା କିଛି ସ୍ୱାଭିମାନୀ ଓଡ଼ିଆ ସେନାର କର୍ମକର୍ତ୍ତା କହିଲେ, ଆଜିଠୁ ଦୋକାନୀ ଭାଇମାନଙ୍କୁ ଅନୁରୋଧ କରୁଛୁ ଏଣିକି ଆତଫଳକୁ ରାସ୍ତାକଡ଼ରେ ନ ଗଦେଇ ତାକୁ ସୁସଜ୍ଜିତ ଦୋକାନ ଥାକରେ ରଖିବେ। ଖାଉଥିବା ଲୋକ ଏହାର ବୀଜକୁ ଏଣେ ତେଣେ ରାସ୍ତାରେ ନ ପକେଇ ନଦୀରେ ବିସର୍ଜନ କରିବେ। ଏଥିରେ ଖିଲାପ ହେଲେ ସେନା ତରଫରୁ ବିରୋଧ ହେବ। ସରକାର ଯଥାଶୀଘ୍ର ଆମ ଆତକୁ ଜିଆଇ ମାନ୍ୟତା ନ ଦେଲେ ଆଗାମୀ ଦିନରେ ସେନା ପକ୍ଷରୁ ଓଡ଼ିଶା ବନ୍ଦ ଡାକରା ଦିଆଯିବ। ସଭାର ବହୁ ପ୍ରତୀକ୍ଷିତ ପ୍ରସାଦସେବନ କାର୍ଯ୍ୟକ୍ରମ ପାଇଁ ବିଳମ୍ବ ହେଉଥିବାରୁ ସଭାପତି କବି ଶିରୋମଣିଙ୍କ ପ୍ରସିଦ୍ଧ ଉକ୍ତି– 'ଉତ୍କଳେ ସେଓ କମଳାର ନାହିଁ ପ୍ରୟୋଜନ, ଏଠାରେ ଅଛନ୍ତି ସ୍ୱୟଂ ସୀତାଫଳ'କୁ ସ୍ମରଣ କରି ସଭା ଭଙ୍ଗ ଘୋଷଣା କଲେ।


–ବନମାଳୀ ଭବନ, ଖାନ୍‌ନଗର, କଟକ
ମୋ:୯୪୩୭୦୧୦୭୫୮

## ପୁସ୍ତକ ସମୀକ୍ଷା

### ଓଡିଆ ସାହିତ୍ୟର ଇତିହାସ: ମଧ୍ୟପର୍ବ

**ଲେଖକ– ଡକ୍ଟର ନୃସିଂହ ଚରଣ ଷଡ଼ଙ୍ଗୀ**
**ପ୍ରକାଶକ– ବୁକ୍ସ ଏଣ୍ଡ ବୁକ୍ସ**
**ବିନୋଦ ବିହାରୀ, କଟକ , ମୂଲ୍ୟ– ୫୦୦ଟଙ୍କା**

'ଓଡ଼ିଆ ସାହିତ୍ୟର ଇତିହାସ ମଧ୍ୟପର୍ବ' ପୁସ୍ତକର ଲେଖକ ଡକ୍ଟର ନୃସିଂହ ଚରଣ ଷଡ଼ଙ୍ଗୀ। ଆଦିପର୍ବ ପରେ ଲେଖକଙ୍କର ମଧ୍ୟପର୍ବ ପ୍ରକାଶିତ ହୋଇଛି। ଏଥିରେ ପ୍ରାକ୍ ମଧ୍ୟଯୁଗୀୟ ରୀତି ସାହିତ୍ୟର ପୃଷ୍ଠଭୂମି, ରୀତି ସାହିତ୍ୟ, ରୀତିଯୁଗୀୟ କାବ୍ୟାଦର୍ଶ, ରୀତି ଯୁଗର କବି, ମଧ୍ୟଯୁଗୀୟ ଓଡିଆ ଗୀତି ପରମ୍ପରା, ସମକାଳୀନ କବି ପ୍ରତିଭା, ପଦାବଳୀ ସାହିତ୍ୟ ଓ ରୀତି ସାହିତ୍ୟର ପ୍ରମୁଖ ବୈଶିଷ୍ଟ୍ୟ ଉପରେ କାଳାନୁକ୍ରମିକ ଆଲୋଚନା ପ୍ରୟୋଗାତ୍ମକ ରୀତିରେ କରାଯାଇଛି। ତୁଳନାତ୍ମକ ବିଚାର ଲେଖକଙ୍କ ଲେଖାର ନିଆରା ପଣ । ପୁସ୍ତକଟି ଏକ ଅଭିନବ ପରିକଳ୍ପନା। ଯାହା ବିଶ୍ଳେଷଣାତ୍ମକ ଓ ପ୍ରାମାଣିକତାରେ ପରିପୂର୍ଣ୍ଣ। ଏଥିରେ ଲେଖକଙ୍କ ଗବେଷଣାତ୍ମକ ଦୃଷ୍ଟିଭଙ୍ଗୀର ପ୍ରତିଫଳନ ଗ୍ରନ୍ଥଟିକୁ ନୂତନ ଭାବେ ବୈଚିତ୍ର ପ୍ରଦାନ କରିଛି। ପୁସ୍ତକଟି ଗବେଷକ, ଛାତ୍ରୀଛାତ୍ର ଏବଂ ଓଡ଼ିଆ ସାହିତ୍ୟରେ ରୁଚି ରଖୁଥିବା ପାଠିକା ପାଠକଙ୍କ ଭିତରେ ସ୍ୱତନ୍ତ୍ର ସ୍ଥାନ ନେବ ଏଥିରେ ସନ୍ଦେହ ନାହିଁ।




### ଷଠୀରୁ ଷାଠିଏ

**ଆତ୍ମ ଜୀବନୀ**
**ଲେଖିକା– ବାସନ୍ତୀ ଦାସ, ଶୀଳାଶ୍ରୀ ପବ୍ଲିକେଶନ୍ , ଭୀମଟାଙ୍ଗି,**
**ଭୁବନେଶ୍ୱର ମୂଲ୍ୟ –୨୫୦ଟଙ୍କା**

'ଷଠୀରୁ ଷାଠିଏ' ବାସନ୍ତୀ ଦାସଙ୍କ ଆତ୍ମ ଜୀବନୀ । ଯେଉଁଥିରେ ବାସନ୍ତୀ ପ୍ରେମୀ ଏବଂ ତାଙ୍କୁ ଭଲ ପାଉଥିବା ସାହିତ୍ୟିକ ଓ ଶୁଭେଚ୍ଛୁମାନେ ତାଙ୍କ ଉପରେ ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି। ପୁସ୍ତକରେ ତାଙ୍କ ମନରେ ଥିବା କିଛି ତିକ୍ତ ଅନୁଭୂତି ସେ ବର୍ଣ୍ଣନା କରିଛନ୍ତି। ଲେଖିକାଙ୍କୁ ଜ୍ୱରଠାରୁ ଆରମ୍ଭ କରି ମାଉସୀ ଘର ସହ ସମ୍ପର୍କ ଛିନ୍ନ, ନଦୀ ବଢିର କରୁଣ କାହାଣୀ ବର୍ଣ୍ଣନା କରି ତାଙ୍କ ମନରେ ଥିବା ବେଦନାକୁ ସେ ଲେଖାରେ ପ୍ରକାଶ କରି ଆଶ୍ୱସ୍ତି ହୋଇଛନ୍ତି। ସେହିପରି ବାସନ୍ତୀ ମନସ୍କ ବନ୍ଧୁମାନେ ମଧ୍ୟ ତାଙ୍କ ଉପରେ ଲେଖିଛନ୍ତି। ଯାହା ସେ ଏହି ଆତ୍ମ ଜୀବନୀରେ ଲେଖି ବାସନ୍ତୀଙ୍କୁ ମୁଗ୍ଧ କରିଛନ୍ତି । ଜଣେ କବୀ, ସମ୍ପାଦିକା ଓ ସଂଗଠିକା ଭାବେ ସେ ଆହୁରି ଆଗକୁ ଯାଆନ୍ତୁ ବୋଲି ତାଙ୍କ ଶୁଭେଚ୍ଛୁ ଓ ବନ୍ଧୁମାନେ ଆଶା ପୋଷଣ କରିଛନ୍ତି।




### ଅତୁଲ୍ୟ ଶ୍ରୀଜଗନ୍ନାଥ

**ସଂକଳନ ଓ ସମ୍ପାଦନା ପୀତବାସ ରାଉତରାୟ**
**ପ୍ରକାଶକ–ପୀତବାସ ରାଉତରାୟ, ପିପିଏଲ୍ ହାଉସିଂ କଲୋନୀ**
**ଖଣ୍ଡଗିରି ଛକ, ଭୁବନେଶ୍ୱର–୧୯, ମୂଲ୍ୟ–୫୦୦ଟଙ୍କା**

ଅତୁଲ୍ୟ ଶ୍ରୀଜଗନ୍ନାଥ ପୀତବାସ ରାଉତରାୟଙ୍କ ସମ୍ପାଦିତ ପୁସ୍ତକ। ଏହା ହେଉଛି ଜଗନ୍ନାଥଙ୍କ ଉପରେ ୨୨ତମ ପୁସ୍ତକ। ପୁସ୍ତକର ନାମକରଣ ସମ୍ପର୍କରେ ଲେଖକ କୁହନ୍ତି–ରୁକ୍ମଣୀ ଏକାଦଶୀ ରାତିରେ ସସ୍ତ୍ରୀକ ଆମେ ଶ୍ରୀ ମନ୍ଦିର ବଟବୃକ୍ଷ ମୂଳେ ବିବାହ ଦେଖୁଥାଉ। ସେଦିନ ମୁମ୍ବାଇରୁ ଜଣେ ଓଡିଆ ଭାଇ ବି ପ୍ରଭୁଙ୍କ ବାହାଘର ଦେଖିବା ଲାଗି ଆସିଥାନ୍ତି। ସେ ମତେ ଦେଖା କରି କହିଲେ ଆପଣ ସବୁ ବହିର ନାଁ 'ଅ' ଅକ୍ଷରରେ କରିଥାନ୍ତି। ମୁଁ ଶୁଣିଛି ଜଗନ୍ନାଥ ଆପଣଙ୍କୁ ନାମ କହି ଦିଅନ୍ତି। ମୁଁ ତାଙ୍କୁ ପଚାରିଲି ଆପଣଙ୍କ ନାଁ କ'ଣ ? ସେ କହିଲେ ଅତୁଲ୍ୟ କୁମାର ଦାସ। ସେଇଠି ମୁଁ କହିଲି ଦେଖନ୍ତୁ ବହିର ନାମକରଣ ଆପଣଙ୍କ ମାଧ୍ୟମରେ ମହାପ୍ରଭୁ କରାଇ ଦେଲେ । ତଣ୍ଣେ ଏ ବହିର ନାଁ ରହିଲା 'ଅତୁଲ୍ୟ ଶ୍ରୀଜଗନ୍ନାଥ'।



ବ୍ୟାକ୍ ପେଜ୍

# ଜୋତାର ମୂଲ୍ୟରେ କିଣିପାରିବେ ଘର





ଜୋତା ତ ସମସ୍ତେ ପିନ୍ଧିଥିବେ। ତେବେ ଏ ହେଉଛି ଏମିତି ଜୋତା ଯାହାର ମୂଲ୍ୟ ଶୁଣିଲେ ସାଧାରଣ ଲୋକଙ୍କ ତଣ୍ଟି ସୁଖିଯିବ। ପୃଥିବୀର ଏକ ନମ୍ବର ଟେକ୍ କମ୍ପାନୀ ଆପଲ୍ ଏହାକୁ ତିଆରି କରିଛି। ଆଉ ଏହାର ମୂଲ୍ୟ ଏତେ ଯେ, ଏଥିରେ ଏକ ଘର କିଣି ହୋଇଯିବ। ସୋଥେବି ନାମକ ୱେବ ସାଇଟ୍‌ରେ ଏହାକୁ ନିଲାମ କରିବା ପାଇଁ ରଖାଯାଇଛି। ଆଉ ଏହାର ପ୍ରାରମ୍ଭିକ ମୂଲ୍ୟ ୪୨ ଲକ୍ଷ ରଖା ଯାଇଛି। ତେଣୁ ନିଲାମରେ ଏହାର ମୂଲ୍ୟ ଆହୁରି ବଢ଼ିବା ସମ୍ଭାବନା ରହିଛି। ଭାବୁଥିବେ ଏହି ଜୋତାର ବିଶେଷତ୍ୱ କ'ଣ ? ଏହି ଜୋତା ଅତ୍ୟନ୍ତ ବିରଳ। ବଜାରରେ ଏହା ମିଳିବ ନାହିଁ। କାରଣ ଆପଲ୍ କମ୍ପାନୀ ଉକ୍ତ ଜୋତାକୁ ନିଜ କର୍ମଚାରୀଙ୍କ ପାଇଁ ୧୯୯୦ରେ ତିଆରି କରିଥିଲା। ଆଉ ତାକୁ ଉପହାରସ୍ୱରୂପ କର୍ମଚାରୀଙ୍କୁ ପ୍ରଦାନ କରାଯାଇଥିଲା। ତେବେ ଏହି ଜୋତାକୁ ଆପଲ୍ କମ୍ପାନୀ ଏକୁଟିଆ ତିଆରି କରି ନ ଥିଲା। ସେ ଏହାକୁ ଓମେଗା ସ୍ପୋର୍ଟସ୍ କମ୍ପାନୀ ଦ୍ୱାରା ତିଆରି କରାଇଥିଲା। ସେତେବେଳେ ଆପଲ୍‌ର ପ୍ରଡକ୍ଟର ଚାହିଦା ବହୁତ ଥିଲା। ତେଣୁ ସେ ଅନ୍ୟ କମ୍ପାନୀକୁ ନିଜ କମ୍ପାନୀ ଲୋଗୋ ବ୍ୟବହାର କରିବାକୁ ଦେଉଥିଲା। ଫଳରେ ସେହି ପ୍ରଡ଼କ୍ଟର ଚାହିଦା ବଢ଼ି ଯାଉଥିଲା। ତେବେ ଏହି ଧଳା ରଙ୍ଗର ଜୋତା ଯେଉଁଥିରେ ଆପଲ୍‌ର ପୂର୍ବର ରଙ୍ଗିନ ଲୋଗୋ ବ୍ୟବହୃତ ହୋଇଛି ତାହା କଷ୍ଟମାଇଜଡ୍ ଥିଲା। ତେଣୁ ଏହା ବିରଳ। ଆଉ ଏହାର ମୂଲ୍ୟ ଏତେ ଅଧିକ।




# କି-ବୋର୍ଡ ପଫର୍ ଜ୍ୟାକେଟ୍



ଫ୍ୟାଶନ୍ ନାଁରେ ବେଳେବେଳେ କିଛି କମ୍ପାନୀ ଏଭଳି ପୋଷାକ ତିଆରି କରନ୍ତି ଯେ, ତାହା ବେଶ୍ ଅଜବ ଲାଗେ। ଆଉ ବେଳେ ବେଳେ ଏଭଳି ଅଜବ ପୋଷାକ ଟ୍ରେଣ୍ଡ ବି ପାଲଟିଯାଏ। ଯେମିତିକି ଏବେ ଏକ ଅଜବ ଜ୍ୟାକେଟ୍ ଟ୍ରେଣ୍ଡରେ ଅଛି। ଏହା ଏକ ପଫର୍ ଜ୍ୟାକେଟ ଓ ଦେଖିବାକୁ କମ୍ପ୍ୟୁଟରର କି-ବୋର୍ଡ ପରି। କାରଣ ଏଥିରେ କମ୍ପ୍ୟୁଟର କି-ବୋର୍ଡର କି' ଗୁଡିକ ରହିଛି। ତେଣୁ ଏହାକୁ ପିନ୍ଧିଥିବା ବ୍ୟକ୍ତି ଦୂରରୁ ଜଣେ କି-ବୋର୍ଡ ପରି ଲାଗିବେ। ଲିମିନାଲ ୱାର୍କଶପ ନାମକ ଗାରମେଣ୍ଟ କମ୍ପାନୀ ଏହି ଜ୍ୟାକେଟ୍‌କୁ ପ୍ରସ୍ତୁତ କରିଛି। ଉକ୍ତ କି-ବୋର୍ଡ ପଫର୍ ଜ୍ୟାକେଟ୍‌ର ପ୍ରତ୍ୟେକ କି' ତଳେ ପାଉଚ୍ ତିଆରି କରାଯାଇଛି। ଯାହାଫଳରେ ତା' ଭିତରେ ଜିନିଷ ରଖିହେବ। ସେଥିରେ ଚେନ୍ ବି ଲାଗିଛି, ଯଦ୍ୱାରା ଜିନିଷ ରଖିବା ପରେ ସେହି କି'ବୋର୍ଡ ପାଉଚ୍‌କୁ ବନ୍ଦ କରିହେବ। ଉକ୍ତ ଜ୍ୟାକେଟ୍‌କୁ ୱାଟର ରେଜିଷ୍ଟାଣ୍ଟ ନାଇଲନ୍‌ରେ ତିଆରି କରାଯାଇଛି। କମ୍ପାନୀ ଏହି ଜ୍ୟାକେଟ୍ ଦୁଇଟି କଲର୍‌ରେ ଆଣିଛି । ଗୋଟିଏ କଳା ଓ ଧୂସର ରଙ୍ଗ କମ୍ବିନେସନ୍‌ର ଓ ଅନ୍ୟଟି ଧଳା ରଙ୍ଗର। ଏହାର ମୂଲ୍ୟ ୨୬୯.୯୯ ଡଲାର ରଖାଯାଇଛି।



# ଦାମୀ ବ୍ରେଡ

ବ୍ରେଡ୍ ବା ପାଉଁରୁଟି ଗରିବରୁ ଧନୀ ଯାଏ ସମସ୍ତେ ଖାଆନ୍ତି। ତେବେ ଜାଣି ଆଶ୍ଚର୍ଯ୍ୟ ହେବେ ଏମିତି ବି ଏକ ବ୍ରେଡ ଅଛି, ଯାହାକୁ ଖାଇବା ସାଧାରଣ ମଣିଷ ଲାଗି ସାତ ସପନ। କାରଣ ଏହା ହେଉଛି ପୃଥିବୀର ସବୁଠାରୁ ଦାମୀ ବ୍ରେଡ ; ଯାହାର ନାଁ ଗୋଲ୍ଡ ଲିଫ୍ ବ୍ରେଡ। ଏହାର ମୂଲ୍ୟ ୧୨୦.୭୩ ଡଲାର ବା ୧୦ ହଜାର ଟଙ୍କା । ସ୍ପେନ, ଆଣ୍ଡାଲୁସିଆର ବେକର୍ ମୋରେନୋ ଏହାକୁ ତିଆରି କରିଛନ୍ତି। ୭୦ ବର୍ଷର ତାଙ୍କର ଏହି ଫ୍ୟାମିଲି ବେକେରୀରେ ସେମାନେ ୫୦ ଭିନ୍ନ ଭିନ୍ନ ପ୍ରକାରର ବ୍ରେଡ ତିଆରି କରନ୍ତି। ତେବେ ଏହି ଗୋଲ୍ଡ ଲିଫ୍ ବ୍ରେଡ୍‌ରେ ମୋରେନୋ ୨୫୦ ମି.ଗ୍ରା.ର ଗୋଲ୍ଡ ଡଷ୍ଟ ବ୍ୟବହାର କରିଥାନ୍ତି ; ଯାହାକି ଏହି ବ୍ରେଡକୁ ସ୍ୱତନ୍ତ୍ର କରେ। ଆଉ ଏହାର ମୂଲ୍ୟ ଆକାଶ ଛୁଆଁ କରାଏ।

